# କଟକର 'ନୂଆ-ଓ' କାର୍ଯ୍ୟକ୍ରମରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ












ଶୁକ୍ରବାର '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ବିଭିନ୍ନ ବ୍ୟକ୍ତିବିଶେଷ ଓ ସଂଗଠନର କର୍ମକର୍ତ୍ତାମାନେ ନବବର୍ଷର ଶୁଭେଚ୍ଛା ଜଣାଉଛନ୍ତି

# 'ନଅ'ରୁ 'ନବେ': କଂଗ୍ରେସ ଭିଡୁଛି 'ଭୁରିଶ୍ରବା' ପାଗ

ଭୁବନେଶ୍ୱର, ୫ ।୧ (ସମିସ):

ଆଉ କେଇ ମାସ ପରେ ସାଧାରଣ ନିର୍ବାଚନ ସହ ରାଜ୍ୟ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଜାତୀୟସ୍ତରରେ ବିଜେପି ବିରୋଧରେ କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ 'ଆଇଏନ୍‌ଡ଼ିଆଇଏ' (ଇଣ୍ଡିଆ) ମେଣ୍ଟ ଗଠନ କରିବାକୁ ଲାଗି ପଡ଼ିଛନ୍ତି। ଆସନ ବୁଝାମଣା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ତେଲଙ୍ଗାନା ବିଧାନସଭା ଦଖଲ ପରେ ଦକ୍ଷିଣରେ କଂଗ୍ରେସର ଶକ୍ତି ବଢ଼ିଛି। କର୍ଣ୍ଣାଟକ ଓ ପରେ ଏହାର ପଡ଼ୋଶୀ ରାଜ୍ୟ ତେଲଙ୍ଗାନାରେ ସରକାର ଗଠନ କରିଥିବା କଂଗ୍ରେସ ଓଡ଼ିଶାରେ ଶକ୍ତିବୃଦ୍ଧି ପାଇଁ ନକ୍ସା ପ୍ରସ୍ତୁତ କରିଛି। ଦଳର ପୂର୍ବ ଭୋଟ୍ ହାରକୁ ଅନ୍ୟୁନ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ କାର୍ଯ୍ୟ କରବାକୁ କଂଗ୍ରେସ ଶୀର୍ଷ ନେତୃତ୍ୱ ରାଜ୍ୟ କର୍ମକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଦଳଛଡ଼ା ଓ ବହିଷ୍କୃତ ନେତାଙ୍କୁ ଫେରାଇ ଆଣିବା ସହ ଚିରଞ୍ଜୀବ ଓ ମୋକିମ୍‌ଙ୍କ ଉପରୁ ଦଳ ଖୁବ୍‌ଶୀଘ୍ର ନିଲମ୍ବନ ପ୍ରତ୍ୟାହାର କରିବ ବୋଲି ସୂଚନା ମିଳିଛି। ମକର ସଂକ୍ରାନ୍ତି ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ତାଙ୍କ ପତ୍ନୀ ତଥା ପୂର୍ବତନ ସାଂସଦ ହେମା ଗମାଙ୍ଗଙ୍କୁ ଦଳକୁ ଫେରାଇ ଅଣାଯିବ। ଅନୁରୂପ ଭାବେ ଶ୍ରୀକାନ୍ତ ଜେନା, ସଞ୍ଜୟ ଭୋଇଙ୍କ ପରି ଦଳରୁ ବହିଷ୍କୃତ ହୋଇଥିବା ନେତା ଦଳକୁ ଫେରିବାକୁ ଆଗ୍ରହୀ ଥିବାରୁ ସେମାନଙ୍କ ସମ୍ପର୍କରେ ବିଚାର କରାଯିବ। ଫଳରେ ବିଧାନସଭାରେ ଦଳ ୯ ଆସନରୁ ୯୦ରେ ପହଞ୍ଚିବ ବୋଲି କଂଗ୍ରେସ ନେତାମାନେ ଆଶା ବାନ୍ଧିଛନ୍ତି। ମାତ୍ର ସାଧାରଣ ନିର୍ବାଚନ ବିଜ୍ଞପ୍ତି ମାତ୍ର ୧୦ରୁ ୧୨ ସପ୍ତାହ ବାକିଥିବା ବେଳେ ମହାଭାରତ ଯୁଦ୍ଧରେ 'ଭୁରିଶ୍ରବା'ଙ୍କ ପାଗ ଭିଡ଼ା ପରି କଂଗ୍ରେସର ପ୍ରସ୍ତୁତି ଦଳ ପାଇଁ କେତେ ଉପଯୋଗୀ ହେବ, ତାକୁ ନେଇ ରାଜନୈତିକ ତଥ୍ୟାଭିଜ୍ଞ ମହଲରେ ସନ୍ଦେହପ୍ରକାଶ ପାଇଛି।

ଦଳ ଉଚ୍ଚତମ ମହଲରୁ ମିଳିଥିବା ସୂଚନା ଅନୁସାରେ, ଜାତୀୟ କଂଗ୍ରେସ ନେତୃତ୍ୱ ଓଡ଼ିଶାରେ ଦଳର ସ୍ଥିତି ସମ୍ପର୍କରେ ଏକ ଗୋପନ ଆକଳନ କରିଛନ୍ତି। ଏଆଇସିସି ନିକଟରେ ପହଞ୍ଚିଥିବା ତଥ୍ୟ ଅନୁସାରେ ଉପକୂଳ ଓଡ଼ିଶାରେ ଦଳ ଓ ତଥାକଥିତ ବଡ଼ ନେତାଙ୍କ ରାଜନୈତିକ ସ୍ଥିତି ଅତ୍ୟନ୍ତ ବିକଳ। ଅଧିକାଂଶ ଅଞ୍ଚଳରେ ଦଳୀୟ ପ୍ରାର୍ଥୀ ହେବାକୁ ଭରସାଯୋଗ୍ୟ ଲୋକଙ୍କ ଅଭାବ ରହିଛି। ଯେଉଁମାନେ ନିଜକୁ ସମ୍ପୃକ୍ତ ଅଞ୍ଚଳର ବଡ଼ ନେତା ବୋଲାଉଛନ୍ତି, ସେମାନଙ୍କ ମଧ୍ୟରୁ ଅନେକ ପରୋକ୍ଷରେ ବିଜେଡି ବା ବିଜେପି ସହ ଗୋପନ ସମ୍ପର୍କ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଉନ୍ନତ ସ୍ଥିତିରେ ଥିବା ୨୧ ଲୋକସଭା ଆସନରୁ ୧୦ ଓ ୧୪୭ ବିଧାନସଭା ଆସନରୁ ଅନ୍ୟୁନ ୭୫ଟି ଆସନରେ ଦଳ ଫୋକସ୍ କରିବାକୁ ଦଳର ଜାତୀୟ ନେତୃତ୍ୱ ନକ୍ସା ପ୍ରସ୍ତୁତ କରିଛି। ଏହା ସହ ଦଳୀୟ ପ୍ରାର୍ଥୀଙ୍କ ବିଜୟ ସହ ବିଜେପିର ପରାଜୟକୁ ନିଶ୍ଚିତ କରିବାକୁ ଦଳର ପ୍ରଭାରୀଙ୍କ ପ୍ରାଥମିକ ଦାୟିତ୍ୱ ହେବ ବୋଲି ଏହି ସୂତ୍ରରୁ ସୂଚନା ମିଳିଛି।

> **ଦଳଛଡ଼ା, ବହିଷ୍କୃତ ନେତାଙ୍କୁ ଫେରାଇ ଆଣିବାକୁ ପ୍ରସ୍ତୁତି ଆରମ୍ଭ**
>
> **ଗମାଙ୍ଗୋ ପରିବାରକୁ କୋଳେଇବାକୁ ହାତ ମେଲାଇଛି ଦଳ**
>
> **ମୋକିମ, ଚିରଞ୍ଜିବଙ୍କ ଉପରୁ ଶୀଘ୍ର ହଟିବ ନିଲମ୍ବନ ନିର୍ଦ୍ଦେଶ**
>
> **ଶ୍ରୀକାନ୍ତ ଜେନା, ସଞ୍ଜୟ ଭୋଇଙ୍କ ଲେଉଟାଣି ଚର୍ଚ୍ଚା ଜୋର୍**
>
> **୧୦ ଲୋକସଭା, ୭୦ ବିଧାନସଭା ଆସନ ଉପରେ ଫୋକସ୍**

ଆସନ୍ତା ୬ ତାରିଖରେ ନିଜର ପ୍ରଥମ ଓଡ଼ିଶା ଗସ୍ତରେ ନବନିଯୁକ୍ତ ପିସିସି ପ୍ରଭାରୀ ଡ. ଅଜୟ କୁମାର ଆସୁଛନ୍ତି। ତାଙ୍କ ପ୍ରଥମ ଓଡ଼ିଶା ଗସ୍ତକୁ ସ୍ମରଣୀୟ କରିବା ପାଇଁ ଦଳ ବିଶାଳ ଆୟୋଜନ କରିବାରେ ଲାଗିଛି। ଏହି ଅବସରରେ ଦଳକୁ ପୁରୁଣା ନେତା ବାହୁଡ଼ିବା ପାଇଁ ପଦକ୍ଷେପ ନିଆଯାଉଥିବା ଜଣାପଡ଼ିଛି। ଦଳ ଯେପରି ଆଗାମୀ ନିର୍ବାଚନରେ ସମ୍ପୂର୍ଣ୍ଣ ଏକଜୁଟତାର ସହ ଲଢ଼ିବ ତଥା ବିଜେପିକୁ ଯାଇଥିବା ନିଜର ସିଂହଭାଗ ଭୋଟ ଫେରି ପାଇବ, ସେନେଇ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି। ପିସିସି ଶୃଙ୍ଖଳା କମିଟି ଅଧ୍ୟକ୍ଷ ସନ୍ତୋଷ ସିଂହ ସାଲୁଜା କହିଛନ୍ତି ଯେ କଟକ ବାରବାଟୀ ବିଧାୟକ ମହମ୍ମଦ ମୋକିମ୍, ପୂର୍ବତନ ଜଗତସିଂହପୁର ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କ ଉପରୁ ଶୀଘ୍ର ନିଲମ୍ବନ ଉଠିବ। ସେହିପରି ବରିଷ୍ଠ ନେତା ଶ୍ରୀକାନ୍ତ ଜେନାଙ୍କ ଉପରୁ ବହିଷ୍କାର ଆଦେଶ ପ୍ରତ୍ୟାହାର ହେବ। ପୁନଶ୍ଚ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇଥିବା ପୂର୍ବତନ ସାଂସଦ ସଞ୍ଜୟ ଭୋଇ, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ଖୁବଶୀଘ୍ର କଂଗ୍ରେସ ଫେରିପାରନ୍ତି ବୋଲି ମଧ୍ୟ ସେ ସଙ୍କେତ ଦେଇଛନ୍ତି। ଅନ୍ୟପକ୍ଷରେ ପୂର୍ବତନ କୋରାପୁଟ ସାଂସଦ ହେମା ଗମାଙ୍ଗ ଆସନ୍ତା ୭ ତାରିଖରେ ପ୍ରଭାରୀ ଅଜୟ କୁମାରଙ୍କ ଉପସ୍ଥିତିରେ କଂଗ୍ରେସରେ ଯୋଗ ଦେବେ। ଏଥିପାଇଁ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସହ ଆଲୋଚନା ହୋଇସାରିଛି ବୋଲି ହେମା କହିଛନ୍ତି। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ ଓ ତାଙ୍କ ପୁଅ ଶିଶିର ଗମାଙ୍ଗ ରାହୁଲ ଗାନ୍ଧୀଙ୍କ ଉପସ୍ଥିତିରେ ଦଳରେ ମିଶିପାରନ୍ତି ବୋଲି ସୂଚନା ମିଳିଛି।

## ଟ୍ରେଲର୍ ଚାପାରେ ବାପା-ଝିଅ ମୃତ

ବଡ଼ବିଲ, ୫ ।୧ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣିମଣ୍ଡଳ ଅଞ୍ଚଳରେ ଆଜି ୨ଟି ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫ଜଣ ଗୁରୁତର ଆହତ ହୋଇଛନ୍ତି। ରୁଗୁଡ଼ି ଥାନା ଅନ୍ତର୍ଗତ ଲୋଇଡ଼ାପଦା ବନଦୁର୍ଗା ହୋଟେଲ ନିକଟରେ କୋଇଡ଼ାରୁ ଭଦ୍ରାସାହି ଆଡ଼କୁ ଯାଉଥିବା ଏକ ବାଇକ୍ ଉପରେ ଏକ ଟ୍ରେଲର୍ ମାଡ଼ିଯିବାରୁ ବାଇକ୍‌ରେ ଥିବା ବାପା-ଝିଅଙ୍କ ମୃତ୍ୟୁ ହୋଇଯାଇଥିଲା। ସେମାନେ ହେଲେ, ବଲାଣି ଥାନା ଲସର୍ଦା ଗ୍ରାମର ରାମ ସିଂ ମୁଣ୍ଡା (୪୦) ଓ ତାଙ୍କ ୭ ବର୍ଷର ଝିଅ ନିଶା ମୁଣ୍ଡା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠେଇଛି। ଅପରପକ୍ଷେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

> **ଟ୍ରକ୍-ବସ୍ ଧକ୍କାରେ ୫ ଗୁରୁତର**

ସେହିପରି ଅନ୍ୟ ଏକ ଘଟଣାକ୍ରମେ, ଆଜି ସକାଳେ ବଡ଼ବିଲରୁ ଯୋଡ଼ା ଯାଉଥିବା ପ୍ରିନ୍ସ ନାମକ ଏକ ବସ୍ ଏକ ଲୁହାପଥର ବୋଝେଇ ଟ୍ରକ୍‌କୁ ଧକ୍କା ଦେବାରୁ ୫ଜଣ ବସ୍‌ଯାତ୍ରୀ ଆହତ ହୋଇଛନ୍ତି। ଭଦ୍ରାସାହି ଛକଠାରୁ ପ୍ରାୟ ୧୦୦ ମିଟର ଯାଇ ୫୨୦ ନମ୍ବର ଜାତୀୟ ରାଜପଥକୁ ସଂଯୋଗ ହେଉଥିବା ଛକ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଗୁରୁତରମାନଙ୍କୁ ପୁଲିସ୍ ଓ ସ୍ଥାନୀୟ ଲୋକେ ଉଦ୍ଧାର କରି ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଗାଡ଼ିରେ ଫାଷ୍ଟ-ଏଡ୍ କିଟ୍ ଓ ଅଗ୍ନିନିର୍ବାପକ ଯନ୍ତ୍ର ନଥିବାରୁ ସାମାନ୍ୟ ଆହତ ହୋଇଥିବା ଲୋକଙ୍କୁ ଚିକିତ୍ସା କରିବାରେ ବିଳମ୍ବ ହୋଇଥିବା ଅଭିଯୋଗ ହୋଇଛି। ବସ୍ ଓ ଲୁହାପଥର ବୋଝେଇ ଟ୍ରକ୍‌କୁ ପୁଲିସ ଜବତ କରି ତଦନ୍ତ କରୁଛି।

## ଭାଲିଆଗଣିରେ ବାଘ ଆତଙ୍କ!

ମୋହନା, ୫ ।୧ (ସମିସ): ଗଜପତି ଜିଲ୍ଲା ମୋହନା ବ୍ଲକ୍ ଚନ୍ଦ୍ରଗିରି ବନାଞ୍ଚଳ ଶିକୁଳିପଦର ପଞ୍ଚାୟତ ଭାଲିଆଗଣି ଗ୍ରାମରେ ବାଘ ଆତଙ୍କ ଦେଖାଦେଇଛି। ଗାଁ ନିକଟ ଜଙ୍ଗଲରେ ଏକ ଛେଳିକୁ ବାଘଟି ମାରି ଖାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି।

ସୂଚନା ଅନୁଯାୟୀ, ଗୁରୁବାର ଦିନ ଗାଁ ନିକଟ ବଡ଼ଡ଼ଙ୍ଗା ପାହାଡ଼କୁ କିଛି ଲୋକ ଛେଳି ଚରାଇବା ପାଇଁ ନେଇଥିଲେ। ସେଥିରୁ ବିଦ୍ୟାନୁ ଭୂୟାଁଙ୍କ ଗୋଟିଏ ଛେଳି ନିଖୋଜ ହୋଇଯାଇଥିଲା। ଗ୍ରାମବାସୀ ଜଙ୍ଗଲରେ ଖୋଜାଖୋଜି କରିବାରୁ ଆଜି ଏକ ପଥର ଉପରେ ଛେଳିର ଖଣ୍ଡବିଖଣ୍ଡିତ ମୃତଦେହ ପଡ଼ି ରହିଥିବା ଦେଖାଯାଇଥିଲା। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଛେଳିକୁ ମାରିଥିବା ଜନ୍ତୁଟି ବାଘ ନା ଅନ୍ୟ କୌଣସି ବନ୍ୟଜନ୍ତୁ, ବନ ବିଭାଗ ତାହା ସ୍ପଷ୍ଟ କରିନାହିଁ। ତଦନ୍ତ ପରେ ଘଟଣା ସମ୍ପର୍କରେ ସ୍ପଷ୍ଟୀକରଣ ମିଳିପାରିବ ବୋଲି ବନ ବିଭାଗ ସୂଚନା ଦେଇଛି। ତେବେ ଲଖାରୀ ଅଭୟାରଣ୍ୟକୁ ଉକ୍ତ ଜଙ୍ଗଲଟି ଲାଗି ରହିଥିବା ଯୋଗୁଁ କଲରାପତରିଆ ବାଘ ଉକ୍ତ ଛେଳିଟିକୁ ଆକ୍ରମଣ କରି ମାରି ଖାଇଥିବା ସନ୍ଦେହ କରାଯାଉଛି। ବାଘ ଭୟରେ ଲୋକେ ଆଉ ଜଙ୍ଗଲକୁ ଜାଳେଣି ଓ ବନ୍ୟଜାତ ଦ୍ରବ୍ୟ ଆଣିବା ପାଇଁ ଯାଉନାହାନ୍ତି।

## ଓଡ଼ିଶା ପାଇଁ ଏଆଇସିସିର ୩ ଜଣିଆ ସ୍କ୍ରିନିଂ କମିଟି

ଭୁବନେଶ୍ୱର, ୫ ।୧ (ସମିସ): ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏଆଇସିସି ପକ୍ଷରୁ କ୍ଲଷ୍ଟରୱାରୀ ସ୍କ୍ରିନିଂ କମିଟି ଘୋଷଣା କରାଯାଇଛି। ଏଆଇସିସି ପକ୍ଷରୁ ସାରା ଦେଶକୁ ୫ଟି କ୍ଲଷ୍ଟରରେ ବିଭକ୍ତ କରାଯାଇ ଦଳର ବରିଷ୍ଠ ନେତାଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି। ଏହିକ୍ରମରେ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ଗୋଆ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜକୁ କ୍ଲଷ୍ଟର-୨ରେ ସାମିଲ କରାଯାଇ ୩ଜଣ ବରିଷ୍ଠ କଂଗ୍ରେସ ନେତାଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି। ମଧୁସୂଦନ ମିସ୍ତ୍ରୀଙ୍କୁ ଏହି କମିଟିର ଅଧ୍ୟକ୍ଷ କରାଯାଇଥିବା ବେଳେ ସୂରଜ ହେଗ୍‌ଡେ ଓ ସାଫି ପରମ୍ବିଲ୍‌ଙ୍କୁ ଏଥିରେ ସଦସ୍ୟ ନିଯୁକ୍ତ କରାଯାଇଛି। ଅପରପକ୍ଷରେ ଓଡ଼ିଶା ପ୍ରଭାରୀ ଭାବେ ଦାୟିତ୍ୱ ନେବା ପରେ ଡ. ଅଜୟ କୁମାର ଶନିବାର ଓଡ଼ିଶା ଗସ୍ତରେ ଆସୁଛନ୍ତି।

**ଖୋଲୁନି ଓଏସ୍‌ଏସ୍‌ଏସ୍‌ସି ୱେବସାଇଟ୍**

## ସନ୍ଧ୍ୟା ୬ରୁ ସକାଳ ୧୧ ପର୍ଯ୍ୟନ୍ତ ଆବେଦନକୁ ନେଇ ଅସନ୍ତୋଷ

ଭୁବନେଶ୍ୱର, ୫ ।୧ (ସମିସ):

ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି)ର ୱେବ୍‌ସାଇଟ୍ ଠିକ୍ ଭାବେ କାମ କରୁନି। ବୈଷୟିକ ତ୍ରୁଟି ଦର୍ଶାଇ ଏହାକୁ ସକାଳ ୧୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ କରି ଦିଆଯାଉଛି। ତେଣୁ ନିଯୁକ୍ତି ଆଶାୟୀମାନେ ସନ୍ଧ୍ୟା ୬ରୁ ସକାଳ ୧୧ ମଧ୍ୟରେ ଆବେଦନ କରିବାକୁ ଆୟୋଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ହେଲେ ରାତିରେ ବି ୱେବସାଇଟ୍ ଠିକ୍ ଭାବେ କାମ କରୁନି ବୋଲି ଅଭିଯୋଗ ହୋଇଛି। ଗତ ୨ ଦିନ ହେଲା ଏପରି ସମସ୍ୟା ଲାଗି ରହିଥିବାରୁ ଆଶାୟୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅପରପକ୍ଷେ ଏହି ସମସ୍ୟା ଯୋଗୁଁ ଉପାନ୍ତ ଅଞ୍ଚଳରେ ରହୁଥିବା ଛାତ୍ରଛାତ୍ରୀ ଆବେଦନ କରିପାରୁନାହାନ୍ତି।

ସୂଚନାଯୋଗ୍ୟ, ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ଏବେ ରାଜସ୍ୱ ନିରୀକ୍ଷକ, ସହ ରାଜସ୍ୱ ନିରୀକ୍ଷକ, ଅମିନ ସମେତ ବହୁ ପଦ ପାଇଁ ନିଯୁକ୍ତି ଆବେଦନ ପ୍ରକ୍ରିୟା ଜାରି ରହିଛି। ଏହି ସବୁ ପରୀକ୍ଷା ପାଇଁ ଆଶାୟୀ ପ୍ରାର୍ଥୀମାନେ ଓଏସ୍‌ଏସ୍‌ଏସ୍‌ସି ୱେବସାଇଟ୍‌ରେ ଆବେଦନ କରିବେ। କିନ୍ତୁ ବିଭିନ୍ନ ସମୟରେ ତ୍ରୁଟି ଦେଖାଦେଉଥିବାରୁ ୱେବସାଇଟ୍‌ରେ ଆବେଦନ ପ୍ରକ୍ରିୟା ଶିଥିଳ ହେଉଛି। ଗତ ୩ ତାରିଖରୁ ଆୟୋଗର ୱେବସାଇଟ୍ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିଲା। ଫଳରେ ଆୟୋଗ ପକ୍ଷରୁ ବୈଷୟିକ କାରଣ ଦର୍ଶାଇ ଏହାକୁ ଦିନ ୧୧ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ବନ୍ଦ ରଖିଛି। ହେଲେ ସଂଧ୍ୟା ପରେ ଆବେଦନ କରିବାକୁ ଆୟୋଗର ପରାମର୍ଶ ନେଇ ବହୁ ଆଶାୟୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଦୁର୍ଗମ ଅଞ୍ଚଳରେ ସକାଳ ପାଖାପାଖି ୧୦ଟାରେ ସିଏସ୍‌ସି ସେଣ୍ଟର୍ ଖୋଲୁଥିବାରୁ ୧୧ଟା ମଧ୍ୟରେ ଆବେଦନ କରିବା ସମ୍ଭବପର ହେଉନାହିଁ। ସନ୍ଧ୍ୟା ପରେ ଦୁର୍ଗମ ଅଞ୍ଚଳରୁ ଆବେଦନ କରିବାକୁ ସହର ଯିବା ପାଇଁ ବହୁ ଆଶାୟୀଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ସନ୍ଧ୍ୟା ପରେ ମଧ୍ୟ ୱେବ୍‌ସାଇଟ୍ ଠିକ୍ ଭାବେ ଖୋଲୁ ନଥବାରୁ ଆଶାୟୀମାନେ ଆବେଦନ ପାଇଁ ବହୁ ସମୟ ଅପଚୟ କରୁଥିବା ଅଭିଯୋଗ କରିଛନ୍ତି। ଏହି ତ୍ରୁଟି ପାଇଁ ଆବେଦନ ପ୍ରକ୍ରିୟା ବିଳମ୍ବିତ ହେଉଥିବାରୁ ସଂପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହେଉଛି।

## ପ୍ରାଥମିକ ଶିକ୍ଷକ ବଦଳି ପାଇଁ ଜିଲ୍ଲା ଓ ରାଜ୍ୟସ୍ତରୀୟ କମିଟି ଗଠିତ

ଭୁବନେଶ୍ୱର, ୫ ।୧ (ସମିସ): ଶିକ୍ଷକ ବଦଳି ପାଇଁ ସମସ୍ତ ଆବେଦନର ଯାଞ୍ଚ କରିବା ପାଇଁ ଦୁଇଟି କମିଟି ଗଠନ କରାଯାଇଛି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ବଦଳି କମିଟି ଏବଂ ରାଜ୍ୟସ୍ତରରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସ୍ତରୀୟ ବଦଳି କମିଟି ଗଠନ ହୋଇଛି। ଏହି କମିଟି ଆନ୍ତଃ ଜିଲ୍ଲାସ୍ତରୀୟ ବଦଳି ଆବେଦନଗୁଡ଼ିକର ଯାଞ୍ଚ କରିବ। ସମସ୍ତ ଅନ୍‌ଲାଇନ୍ ଆବେଦନକୁ ଯାଞ୍ଚ କରିବା ପରେ ଉପଯୁକ୍ତ କମିଟିକୁ ପଠାଇବାକୁ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ଓ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ) ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ଓ ରାଜ୍ୟସ୍ତରୀୟ କମିଟି ପ୍ରାଥମିକ ଶିକ୍ଷକଙ୍କ ବଦଳି ନେଇ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବ। ଏନେଇ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ପକ୍ଷରୁ ଶୁକ୍ରବାର ସମସ୍ତ ବିଇଓ ଓ ଡିଇଓମାନଙ୍କୁ ଅବଗତ କରାଯାଇଛି।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୨୫ ● ପାଉଣ୍ଡ ୧୦୫.୯୧
- ୟୁରୋ ୯୧.୧୮ ● ୟେନ୍ ୦.୫୭

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୮,୧୦୦ (ନୂଆଦିଲ୍ଲୀ)
- ରୁପା : ୭୬,୬୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୨,୦୨୬.୦୦
- ନିଫ୍ଟି ୨୧,୭୧୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



# ଏନ୍‌ଏସ୍‌ଓ ରିପୋର୍ଟ: ୨୦୨୩-୨୪ରେ ଅଭିବୃଦ୍ଧି ୭.୩% ରହିବ

**ନୂଆଦିଲ୍ଲୀ,୫ା୧(ଏଜେନ୍ସି)**

ଚଳିତ ଆର୍ଥିକବର୍ଷ ଅର୍ଥାତ୍ ୨୦୨୩-୨୪ରେ ଦେଶର ଆର୍ଥିକ ଅଭିବୃଦ୍ଧି ହାର ୭.୩% ରହିବ। ଗୋଟିଏ ବର୍ଷ ପୂର୍ବେ ଏହା ୭.୨ ପ୍ରତିଶତ ରହିଥିଲା। ଚଳିତବର୍ଷ ଖଣିଜ ଖନନ, ବିନିର୍ମାଣ ଓ ସେବା କ୍ଷେତ୍ରରେ ଉତ୍ସାହଜନକ ପ୍ରଦର୍ଶନ କାରଣରୁ ଭାରତୀୟ ଅର୍ଥବ୍ୟବସ୍ଥାର ଅଭିବୃଦ୍ଧିହାର ତ୍ୱରାନ୍ୱିତ ହେବ। ଏହି ପୂର୍ବାନୁମାନ ନିଶ୍ଚିତ ରୂପେ ଭାରତୀୟ ଅର୍ଥବ୍ୟବସ୍ଥା ପାଇଁ ଏକ ଶୁଭ ସଙ୍କେତ। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ପକ୍ଷରୁ ଶୁକ୍ରବାର ପ୍ରକାଶିତ ଅଗ୍ରୀମ ଆକଳନ ରିପୋର୍ଟରେ ଏହି ସୂଚନା ପ୍ରଦାନ କରାଯାଇଛି। ଏନ୍‌ଏସ୍‌ଓ ଦ୍ୱାରା ପ୍ରକାଶିତ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ସମ୍ପର୍କିତ ଏହି ପ୍ରଥମ ଅଗ୍ରୀମ ଆକଳନ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଆକଳନଠାରୁ ଯଥେଷ୍ଟ ଅଧିକ। ଏଠାରେ ସୂଚନାଯୋଗ୍ୟ ଯେ, ଗତ ମାସରେ ଆରବିଆଇ ଚଳିତ ଆର୍ଥିକବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ଆକଳନକୁ ୬.୫ ପ୍ରତିଶତରୁ ୭ ପ୍ରତିଶତକୁ ବୃଦ୍ଧି କରିଛି।

ଏନଏସଓର ରିପୋର୍ଟ ଅନୁଯାୟୀ, ଆର୍ଥିକବର୍ଷ ୨୦୨୩-୨୪ ସମୟରେ ପ୍ରକୃତ ଜିଡିପିର ବୃଦ୍ଧିହାର ୭.୩ ପ୍ରତିଶତ ରହିବ। ଗତ ଆର୍ଥିକବର୍ଷରେ ଏହା ୭.୨ ପ୍ରତିଶତ ରହିଥିଲା। ଏନଏସଓ ଅନୁଯାୟୀ, ଭାରତୀୟ ଅର୍ଥବ୍ୟବସ୍ଥାର ଆକାର ୨୦୨୩-୨୪ ଶେଷ ଆଡ଼କୁ ୨୯୬.୫୮ ଲକ୍ଷ କୋଟି ଅର୍ଥାତ ୩.୫୭ ଲକ୍ଷ କୋଟି ଡଲାର ରହିବ ବୋଲି ଆକଳନ କରାଯାଇଛି। ଏହିପରି ବ୍ୟବସାୟ, ହୋଟେଲ୍, ପରିବହନ, ସଞ୍ଚାର ଓ ପ୍ରସାରଣ କ୍ଷେତ୍ରରେ ବୃଦ୍ଧିହାର ଗତ ବର୍ଷର ୧୪ ପ୍ରତିଶତରୁ ହ୍ରାସ ପାଇ ୬.୩ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଚଳିତ ଆର୍ଥିକବର୍ଷ ପାଇଁ ଜାତୀୟ ଆୟର ଏହି ଅଗ୍ରୀମ ଆକଳନ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ। କାରଣ, ଏହି ତଥ୍ୟକୁ କେନ୍ଦ୍ର ସରକାର ଆଗାମୀ ଆର୍ଥିକବର୍ଷ ପାଇଁ ବଜେଟ୍ ପ୍ରସ୍ତୁତିରେ ବ୍ୟବହାର କରିବେ। କେନ୍ଦ୍ର ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ (ଏମ୍‌ଓଏସ୍‌ପିଆଇ) ଅନୁଯାୟୀ, ଅଗ୍ରୀମ ଆକଳନ ସଂକଳନ କରିବାର ପଦ୍ଧତି ବେଞ୍ଚମାର୍କ-ସୂଚକ ପଦ୍ଧତି ଉପରେ ଆଧାରିତ। ଗତବର୍ଷ ଡିସେମ୍ବର ୨୯ ରେ ପ୍ରକାଶିତ ବାର୍ଷିକ ଅର୍ଥନୈତିକ ସମୀକ୍ଷା ରିପୋର୍ଟରେ ଅର୍ଥ ମନ୍ତ୍ରଣାଳୟ ଆଶା ପ୍ରକଟ କରିଛି ଯେ ଜୁଲାଇ-ସେପ୍ଟେମ୍ବରରେ ଅଭିବୃଦ୍ଧି ଆଖିଦୃଶିଆ ରହିବା ପରେ ୨୦୨୩-୨୪ ଆର୍ଥିକବର୍ଷରେ ଜିଡିପି ଅଭିବୃଦ୍ଧି ହାର ୬.୫ ପ୍ରତିଶତ ପୂର୍ବାନୁମାନକୁ ଆରାମରେ ଅତିକ୍ରମ କରିବ। ଅଭିବୃଦ୍ଧି ଏବଂ ସ୍ଥିରତା ଦୃଷ୍ଟିକୋଣ ମୁଖ୍ୟତଃ ଦେଶ ବାହାରେ ସୃଷ୍ଟି ହୋଇଥାଏ ବୋଲି ଅର୍ଥନୈ ତିକ ବ୍ୟାପାର ବିଭାଗର ଅଧିକାରୀ କହିଛନ୍ତି। ତଥାପି, ୨୦୨୩-୨୪ ରେ ଭାରତୀୟ ଅର୍ଥନୀତି ୬.୫ପ୍ରତିଶତ ରୁ ଅଧିକ ଅଭିବୃଦ୍ଧି ହାସଲ କରିବ ବୋଲି ଆଶା କରାଯାଉଛି। ୨୦୨୩-୨୪ ଦ୍ୱିତୀୟ ତ୍ରୈମାସିକରେ ଆଶା କରାଯାଉଥିବା ଅଭିବୃଦ୍ଧି ଅପେକ୍ଷା ଏବଂ ପ୍ରଥମାର୍ଦ୍ଧରେ ଦ୍ରୁତ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ଭାବରେ ଭାରତ ପାଇଁ ଯଥେଷ୍ଟ ଅଭିବୃଦ୍ଧି ସମ୍ଭାବନା ରହିଛି। ଚଳିତ ଆର୍ଥିକ ବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ଆକଳନକୁ ଆଗକୁ ବଢ଼ାଇବା ପାଇଁ ଏହା ବିଭିନ୍ନ ଘରୋଇ ଏବଂ ଆନ୍ତର୍ଜାତୀୟ ଏଜେନ୍ସିଗୁଡ଼ିକୁ ଉତ୍ସାହିତ କରିଛି। ଜୁଲାଇ-ସେପ୍ଟେମ୍ବରରେ ଭାରତର ଜିଡିପି ଅଭିବୃଦ୍ଧି ହାର ୭.୬ ପ୍ରତିଶତ ରହିଥିଲା। ନଭେମ୍ବର ୩୦ରେ ପରିସଂଖ୍ୟାନ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଦର୍ଶାଇଛି ଯେ ଜୁଲାଇ-ସେପ୍ଟେମ୍ବରରେ ଭାରତର ଜିଡିପି ଅଭିବୃଦ୍ଧି ହାର ୭.୬ ପ୍ରତିଶତ ରହିଥିଲା, ଯାହା ଅର୍ଥନୀତିଜ୍ଞଙ୍କ ଆଶାଠାରୁ ୬.୮ ପ୍ରତିଶତ ଅଧିକ।

ଆର୍ଥିକ ବର୍ଷ ୨୦୨୩-୨୪ରେ ବିନିର୍ମାଣ କ୍ଷେତ୍ରର ଉତ୍ପାଦନ ଗତ ଆର୍ଥିକ ବର୍ଷର ୧.୩ ପ୍ରତିଶତ ତୁଳନାରେ ୬.୫ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ସେହିପରି ଖନନ କ୍ଷେତ୍ରରେ ବୃଦ୍ଧି ଚଳିତ ଆର୍ଥିକ ବର୍ଷରେ ୮.୧ ପ୍ରତିଶତ ରହିପାରେ ଯାହା ୨୦୨୨-୨୩ରେ ୪.୧ ପ୍ରତିଶତ ରହିଥିଲା। ବିତ୍ତୀୟ ସେବା, ରିଏଲ ଏଷ୍ଟେଟ୍ ଓ ପେଶାଦାର ସେବା କ୍ଷେତ୍ରରେ ଅଭିବୃଦ୍ଧି ହାର ଚଳିତ ଆର୍ଥିକ ବର୍ଷରେ ୮.୯ ପ୍ରତିଶତ ରହିବାର ପୂର୍ବାନୁମାନ କରାଯାଇଛି, ଯାହା ଆର୍ଥିକବର୍ଷ ୨୦୨୨-୨୩ରେ ୭.୧ ପ୍ରତିଶତ ରହିଥିଲା।

**ଆର୍‌ବିଆଇର ଆକଳନଠାରୁ ୦.୩% ଅଧିକ**

**ଅର୍ଥନୀତିର ଆକାର ୨୯୬.୫୮ ଲକ୍ଷ କୋଟି**



**ପଛରେ ପଡିଲେ ଅମ୍ବାନୀ**

# ଆଦାନୀ ଏସିଆର ସବୁଠୁ ଧନୀ

## ଦିନକରେ ସମ୍ପତ୍ତି ୭.୬ ବିଲିୟନ୍ ଡଲାର ବଢ଼ିଲା

**ଭୁବନେଶ୍ୱର,୫ା୧(ଏଜେନ୍ସି):** ପାଖାପାଖି ୧ ବର୍ଷ ପରେ ଶିଳ୍ପପତି ଗୌତମ ଅଦାନୀ ପୁଣି ଥରେ ଏସିଆର ଏକ ନମ୍ବର ଧନୀ ହୋଇଛନ୍ତି। ବିଶ୍ୱର ଅରବପତିଙ୍କ ତାଲିକାରେ ଏବେ ସେ ୧୨ତମ ସ୍ଥାନରେ ରହିଛନ୍ତି। ହିଣ୍ଡେନବର୍ଗ ରିପୋର୍ଟ ପରେ ଦୋହଲି ଯାଇଥିବା ଆଦାନି ସାମ୍ରାଜ୍ୟ ପୁଣିଥରେ ଶକ୍ତି ଯୋଗାଡ଼ କରି ଆଗକୁ ବଢ଼ିଛି। ଏହା ସହିତ ଗୌତମ ଆଦାନି ରିଲାଏନ୍ସ ଇଣ୍ଡଷ୍ଟ୍ରିର ମାଲିକ ମୁକେଶ ଅମ୍ବାନୀଙ୍କୁ ପଛରେ ପକାଇ ଭାରତ ଏବଂ ଏସିଆର ଏକ ନମ୍ବର ଧନୀ ତାଲିକାରେ ପ୍ରଥମ ସ୍ଥାନ ଦଖଲ କରିଛନ୍ତି। ଆଦାନୀଙ୍କ ନେଟ ସମ୍ପତ୍ତିରେ ଜବରଦସ୍ତ ବୃଦ୍ଧି ସହିତ ୨୪ ଘଣ୍ଟାରେ ତାଙ୍କର ସମ୍ପତ୍ତି ୭.୬ ବିଲିୟନ୍ ଡଲାର ବୃଦ୍ଧି ପାଇଛି।

ଆଦାନି ବିଶ୍ୱ ଧନୀ ତାଲିକାରେ ମଧ ଲମ୍ବା ଡିଆଁ ମାରି ୧୨ ନମ୍ବର ତାଲିକାରେ ପହଞ୍ଚିଛନ୍ତି ଏବଂ ତାଙ୍କ ପଛକୁ ମୁକେଶ ଅମ୍ବାନୀ ୧୩ତମ ସ୍ଥାନରେ ରହିଛନ୍ତି। ଏହା ପୂର୍ବରୁ ଡିସେମ୍ବର ୨୦୨୩ରେ ମୁକେଶ ବିଶ୍ୱ ଧନୀ ତାଲିକାରେ ୧୪ତମ ସ୍ଥାନକୁ ଉଠିଥିବାବେଳେ ଆଦାନୀ ୧୫ତମ ସ୍ଥାନରେ ରହିଥିଲେ। ବର୍ତ୍ତମାନ ଆଦାନିଙ୍କ ମୋଟ ସମ୍ପତ୍ତି ୯୭.୬ ବିଲିୟନ ଆମେରିକୀୟ ଡଲାର ରହିଛି, ଗତ ୨୪ ଘଣ୍ଟାରେ ଆଦାନିଙ୍କ ସମ୍ପତ୍ତି ୭.୬ ବିଲିୟନ



ଡଲାର ବୃଦ୍ଧି ପାଇଛି। ତେବେ ଆଦାନି-ହିଣ୍ଡେନବର୍ଗ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ଆସିବା ପରେ ଆଦାନି ଗ୍ରୁପ କମ୍ପାନୀ ଗୁଡିକର ଶେୟାର ମୂଲ୍ୟରେ ବୃଦ୍ଧି ପାଇବାରେ ଲାଗିଛି। ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)ର ତଦନ୍ତକୁ ଠିକ୍ ବୋଲି ସର୍ବୋଚ୍ଚ ଅଦାଲତ ଦର୍ଶାଇବା ସହିତ ସେବିର ଯାଞ୍ଚରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଥିଲେ।

# ଗିଫ୍ଟ ସ୍ୱୟଂଶାସିତ କଲେଜରେ କର୍ମଶାଳା



**ଭୁବନେଶ୍ୱର, ୫ା୧(ମସିସ):** ଗିଫ୍ଟ ସ୍ୱୟଂଶାସିତ କଲେଜ ଓ ବଳରାମ ପଣ୍ଡା ଟ୍ରଷ୍ଟର ମିଳିତ ସହଯୋଗରେ ଇମ୍ପାକ୍ଟ ଅଫ୍ ଏଗ୍ରିକଲ୍ଚର ଅନ୍ ଇଣ୍ଡିଆନ ଇକୋନୋମି ଶୀର୍ଷକ ଏକ କର୍ମଶାଳା ଗିଫ୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନାଫେଡ୍‌ର ରାଜ୍ୟ ମୁଖ୍ୟ ଡଃ. ଭବ୍ୟ ଆନନ୍ଦ ଯୋଗଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଗିଫ୍ଟର ଅଧ୍ୟକ୍ଷ ଡଃ. ଶରତ କୁମାର ମହାରଣା, ଓଏସ୍‌ଡ଼ି ଇଂ ସମୀର ରଞ୍ଜନ ପଣ୍ଡା, ଏଗ୍ରିକଲ୍ଚର ଇଞ୍ଜିନିୟରିଂ ବିଭାଗୀୟ ମୁଖ୍ୟ ଡଃ. ସତ୍ୟାନନ୍ଦ ସ୍ୱାଇଁ, ଡଃ.ଖାଲିଦ୍ ଖାନ୍ ଓ ଏମ୍‌ବିଏ ବିଭାଗର ଡ଼ିନ୍ ଡଃ. ରମାକାନ୍ତ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏ ସମସ୍ତ କାର୍ଯ୍ୟକୁ ସଂଯୋଜକ ଭାବେ ସୁମତି ମିଶ୍ର ଓ ପ୍ରଫେସର ଦେବରାଜ ମିଶ୍ର ପରିଚାଳନା କରିଥିଲେ। ଶେଷରେ ଅଙ୍କିତା ମହାନ୍ତି ଧନ୍ୟବାଦ ଦେଇଥିଲେ।

# ହସ୍ପିଟାଲ,ଶିକ୍ଷାନୁଷ୍ଠାନ ପାଇଁ ବଢ଼ିଲା ୟୁପିଆଇ ପେମେଣ୍ଟ ସୀମା

**ନୂଆଦିଲ୍ଲୀ,୫ା୧(ଏଜେନ୍ସି):** ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ (ୟୁପିଆଇ) ସମ୍ବନ୍ଧରେ ରିଜର୍ଭ ବ୍ୟାଙ୍କ ଏକ ବଡ ଘୋଷଣା କରିଛି। ଡାକ୍ତରଖାନା ଏବଂ ହସ୍ପିଟାଲଗୁଡିକ ପାଇଁ ୟୁପିଆଇ କାରବାର ସୀମାକୁ ୧ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଫଳରେ ଉପଭୋକ୍ତାମାନେ କେବଳ ଡାକ୍ତରଖାନା ଏବଂ ଶିକ୍ଷାନୁଷ୍ଠାନଗୁଡିକରେ ୟୁପିଆଇ ମାଧ୍ୟମରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟ ଦେବାକୁ ସମର୍ଥ ହେବେ। ଚଳିତମାସ ୧୦ରୁ ଏହା ଲାଗୁ ହେବ। ଏଥିପାଇଁ ଏନ୍‌ପିସିଆଇ ସମସ୍ତ ବ୍ୟାଙ୍କ, ଦେୟ ସେବା ପ୍ରଦାନକାରୀ ଏବଂ ଏପିଆଇ ଆପ୍ସକୁ ଏହି ସେବା ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତବର୍ଷ ଡିସେମ୍ବରରେ ଅନୁଷ୍ଠିତ ମୁଦ୍ରା ନୀତି କମିଟି ବୈଠକରେ ୟୁପିଆଇ ପେମେଣ୍ଟ ସମ୍ବନ୍ଧରେ ଏଭଳି ନିଷ୍ପତ୍ତି ନିଆଯାଇଥିଲା। ଏନ୍‌ପିସିଆଇ ଡିସେମ୍ବର ୧୯ରେ ଏ ନେଇ ଏକ ସର୍କୁଲାର ଜାରି କରିଥିଲା।

# ଚୀନ୍ ନିର୍ମାଣ କରୁଛି ସୁପରସୋନିକ୍ ଟ୍ରେନ୍

**ନୂଆଦିଲ୍ଲୀ,୫ା୧(ଏଜେନ୍ସି):** ଅତିବେଶୀରେ ଗୋଟିଏ ଟ୍ରେନ ଘଣ୍ଟାପ୍ରତି ୧୦୦ରୁ ୩୫୦ କିମି ବେଗରେ ଚାଲିପାରିବ। କେବେ ଶୁଣିଛନ୍ତି କି ଘଣ୍ଟାପ୍ରତି ୧ ହଜାର କିମି ବେଗରେ ଟ୍ରେନ ଚାଲିବ। କିନ୍ତୁ ଏପରି ଏକ ସୁପରସୋନିକ୍ ଟ୍ରେନ୍ ତିଆରି କରୁଛି ଚୀନ, ଯାହାକୁ ନେଇ ଏବେ ଖୁବ୍ ଚର୍ଚ୍ଚା।

ଅବଶ୍ୟ ଅନେକ ସମୟରେ ଚୀନର ନୂଆ ନୂଆ ଆବିଷ୍କାର ବିଶ୍ୱ ପାଇଁ ଘାତକ ହୋଇଥାଏ। ରିପୋର୍ଟ ମୁତାବକ ଏହି ସୁପର୍‌ସୋନିକ ଟ୍ରେନ୍‌ର ପରୀକ୍ଷା ସଫଳତାପୂର୍ବକ ଶେଷ ହୋଇଛି। ଏହା ଘଣ୍ଟାପ୍ରତି ୧୦୦୦ କିମି ବେଗରେ ଦୌଡ଼ିବ। ବାସ୍ତବରେ ଏହା ଏକ ଅଲ୍‌ଟ୍ରା ହାଇ-ସ୍ପିଡ୍ ମ୍ୟାଗ୍ନେଟିକ୍ ଲାଭିଟେଶନ୍ (ମ୍ୟାଗ୍ଲେଭ୍) ଟ୍ରେନ୍। ଖାସ୍ କଥା ହେଉଛି ଏହି ଟ୍ରେନ୍ ଏକ ଲମ୍ବା ପାଇପ୍‌ଲାଇନ୍ ଭିତରେ ଚାଲିବ। ଚାଇନା ଏରୋସ୍ପେସ୍ ସାଇନ୍ସ ଆଣ୍ଡ ଇଣ୍ଡଷ୍ଟ୍ରି କର୍ପୋରେସନ୍ ଲିମିଟେଡ୍ ସ୍ଥିତ ଟେଷ୍ଟ ଜୋନ୍‌ରେ ଏହି ମ୍ୟାଗ୍ଲେଭ୍ ଟ୍ରେନ୍‌ର ପରୀକ୍ଷା କରାଯାଇଛି। ଏଠାରେ ୨ କିମି ଲମ୍ବାର ଏକ ପାଇପ୍‌ଲାଇନ୍ ଭିତରେ ଭାକ୍ୟୁମ୍ ଉତ୍ପନ୍ନ କରି ଏହି ଟ୍ରେନ୍ ଚଳାଯାଇଥିଲା। ତେବେ ଏହି ସୁପର ସୋନିକ୍ ଟ୍ରେନ୍ ଭବିଷ୍ୟତରେ ହ୍ୟାଙ୍ଗ୍‌ଝୋଉରୁ ସାଂଘାଇ ମଧ୍ୟରେ ଚାଲିବାର ଯୋଜନା ହେଉଛି। ଦେଶର ବଡ଼ ବଡ଼ ସହର ମଧ୍ୟରେ ଏହି ଟ୍ରେନ୍ ଚଳାଇବା ଚୀନ୍‌ର ଲକ୍ଷ୍ୟ। ଉତ୍ତର ଚୀନ୍‌ର ଶାଂସି ପ୍ରାନ୍ତର ଡାଟୋଙ୍ଗ ସହରରେ ଏହି ଟ୍ରେନ୍ ପାଇଁ ସୁପର୍‌କଣ୍ଡକ୍ଟିଂ ମ୍ୟାଗ୍ଲେଭ୍ ଟେଷ୍ଟ ଲାଇନ୍ ନିର୍ମାଣ କରାଯାଇଛି। ସିଏଏସ୍‌ଆଇସିର ବୈଜ୍ଞାନିକ ଲି ପିଙ୍ଗ୍ କହିଛନ୍ତି, ଏହାର ପ୍ରାରମ୍ଭିକ ପରୀକ୍ଷାରେ ସଫଳତା ମିଳିଛି। ଏବେ ଏହାର ଡିଜାଇନ୍, ବେଗ, ଦିଗ ଆଦିର ସଫଳତାପୂର୍ବକ ଯାଞ୍ଚ ଚାଲିଛି। ସମସ୍ତ



**ଘଣ୍ଟା ପ୍ରତି ବେଗ ୧ ହଜାର କିମି**

ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ଟ୍ରେନ୍‌କୁ ସର୍ବପ୍ରଥମେ ହ୍ୟାଙ୍ଗଝୋଉଠାରୁ ସାଂଘାଇ ମଧ୍ୟରେ ଚଳାଯିବ। ଏହି ପ୍ରକଳ୍ପରେ ଅଧିକ ସମୟ ଓ ଅର୍ଥ ଖର୍ଚ୍ଚ ହେବ। ଏବେ ଘଣ୍ଟାପ୍ରତି ୬୨୩ କିମି ବେଗ ଉପରେ ଏହାର ପରୀକ୍ଷା କରାଯାଇଛି। ଭାକ୍ୟୁମ୍ ସୃଷ୍ଟି ନ କରି ଏହି ବେଗ ହାସଲ କରାଯାଇଛି। ଭାକ୍ୟୁମ୍ ସୃଷ୍ଟି କରିବା ପରେ ଏହାର ଗତି ଘଣ୍ଟାପ୍ରତି ୧୦୦୦ କିମି ହୋଇଯିବ। ଚୀନ୍‌ରେ ବର୍ତ୍ତମାନ ଚାଲୁଥିବା ହାଇସ୍ପିଡ୍ ବୁଲେଟ୍ ଟ୍ରେନ୍‌ର ଗତି ଘଣ୍ଟାପ୍ରତି ୩୫୦ କିମି ରହିଛି।

# ୨୦୨୨-୨୩ରେ ମହିଳା କିଣିଛନ୍ତି ୯୭ ଲକ୍ଷ ବୀମା

**ନୂଆଦିଲ୍ଲୀ, ୫ା୧ (ଏଜେନ୍ସି):** ଦେଶର ବୀମା ଉଦ୍ୟୋଗରେ ମହିଳାଙ୍କ ଅଂଶଧନ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ୨୦୨୨-୨୩ରେ ମହିଳାମାନେ ୯୭.୩୮ ଲକ୍ଷ ବୀମା ପଲିସି କିଣିଛନ୍ତି। ଏହି ସମୟରେ ବୀମା କମ୍ପାନୀଗୁଡିକ ୨.୮୪ କୋଟି ପଲିସି ବିକ୍ରି କରିଛନ୍ତି। ଭାରତୀୟ ବୀମା ବିକାଶ ନିୟାମକ କର୍ତ୍ତୃପକ୍ଷ (ଆଇଆରଡିଏ) ରିପୋର୍ଟ ଅନୁଯାୟୀ ବୀମା କିଣିଥିବା ଲୋକଙ୍କ ମଧ୍ୟରେ ମହିଳାଙ୍କ ଅଂଶ ୩୪.୨୦ ପ୍ରତିଶତ ରହିଛି। ୨୦୨୧-୨୨ରେ ଏହା ୩୪.୭ ପ୍ରତିଶତ ଥିଲା। ମାତ୍ର ଜନସଂଖ୍ୟା ହିସାବରେ ମହିଳାଙ୍କ ଅଂଶ ୪୯ ପ୍ରତିଶତ ରହିଛି।

ରିପୋର୍ଟ ଅନୁଯାୟୀ ଦେଶର ଆର୍ଥିକ ଅଭିବୃଦ୍ଧିରେ ମହିଳାଙ୍କ ଯୋଗଦାନ ଭଲ ରହିଛି। ପ୍ରତି ବର୍ଷ ଏହା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ମହିଳାଙ୍କ ପଲିସି



କ୍ରୟରେ କର୍ଣ୍ଣାଟକ ଆଗରେ ରହିଛି। ଏଠାରେ ମହିଳାଙ୍କ ଅଂଶ ୪୪.୨୩ ପ୍ରତିଶତ ରହିଛି। ସେହିପରି କେରଳରେ ୪୩.୯୬ ପ୍ରତିଶତ ଏବଂ ମିଜୋରାମରେ ୪୨.୯୭ ପ୍ରତିଶତ ରହିଛି। ଏବେ ବୀମା ଉଦ୍ୟୋଗରେ ୨୪.୪୩ ଲକ୍ଷ ଏଜେଣ୍ଟ ଅଛନ୍ତି। ଏମାନଙ୍କ ମଧ୍ୟରେ ୭.୪୫ ଲକ୍ଷ (୨୮.୩୫ ପ୍ରତିଶତ) ମହିଳା ଏଜେଣ୍ଟ ଅଛନ୍ତି। ସେହିପରି

**କମ୍ପାନୀ ବିକିଛନ୍ତି ୨.୮୪ କୋଟିର ପଲିସି**

ଘରୋଇ ଜୀବନ ବୀମା କମ୍ପାନୀରେ ମହିଳା ଏଜେଣ୍ଟଙ୍କ ଅଂଶ ୫୭.୩୩ ପ୍ରତିଶତ ଏବଂ ସରକାରୀ କମ୍ପାନୀରେ ୪୨.୬୭ ପ୍ରତିଶତ ରହିଛି। ଅନ୍ୟପକ୍ଷରେ ଆଇଆରଡିଏ ବୀମା କ୍ଷେତ୍ରକୁ ସମ୍ପ୍ରସାରଣ କରି ଗ୍ରାମ ପର୍ଯ୍ୟନ୍ତ ନେବାକୁ ଯୋଜନା କରିଛି। ୨୦୨୪ ଶେଷ ସୁଦ୍ଧା ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ବୀମା ଏଜେଣ୍ଟ ନିଯୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିରେ ମହିଳାଙ୍କୁ ପ୍ରାଧାନ୍ୟ ଦିଆଯିବ।

# ‘ପ୍ରକୃତିଠାରୁ ବଡ଼ ଇଞ୍ଜିନିୟର କେହି ନାହିଁ’

ପରିବେଶ ସୁରକ୍ଷା ଏବେ ସାରା ବିଶ୍ୱରେ ବଡ଼ ପ୍ରସଙ୍ଗ। ବିକାଶ ଆଉ ପରିବେଶ ସଂରକ୍ଷଣ ଏକ ସଙ୍ଗେ ହୋଇପାରିବ। ଯଦିବା ଏଥିପାଇଁ ଅଧିକ ଅର୍ଥ ବ୍ୟୟ ହୁଏ ତଥାପି ତାହା କରିବାକୁ ପଡ଼ିବ। ପ୍ରକୃତିଠାରୁ ବଡ଼ ଇଞ୍ଜିନିୟର କେହିନାହିଁ। ପ୍ରକୃତି ବା ପରିବେଶ ସହ କୌଣସି ହେରଫେର କରିବା ଭଳି କାମ କରା ନ ଯାଉ। ପ୍ରକୃତି ଯାହା କରିଛି ତାହା ହେଉଛି ଶ୍ରେଷ୍ଠ ସମାଧାନ ପନ୍ଥା। ସେଥିରେ ଯେତେ କମ୍ ହସ୍ତକ୍ଷେପ ରହିବ ପରିବେଶ ପାଇଁ ତାହା ସେତେ ଭଲ ହେବ। ଆମକୁ ପ୍ରକୃତି ସହ ନିଜକୁ ଖାପଖୁଆଇ ଚଳିବାକୁ ହେବ ବୋଲି ଓଡ଼ିଶା ରିଅଲ ଇଷ୍ଟେଟ୍ ନିୟାମକ କର୍ତ୍ତୃପକ୍ଷ (ଓରେରା) ଅଧ୍ୟକ୍ଷ ତଥା ସମ୍ପ୍ରତି ପରିବେଶ ମଞ୍ଜୁରୀ ସମ୍ପର୍କିତ କେନ୍ଦ୍ରୀୟ କ୍ଷମତାସମ୍ପନ୍ନ କମିଟି(ସିଇସି)ର ଅଧ୍ୟକ୍ଷ ସିଦ୍ଧାନ୍ତ ଦାସ କହିଛନ୍ତି।

**ଶ୍ରୀ ଦାସ ଦୈନିକ ‘ସକାଳ’କୁ ଦେଇଥିବା ସ୍ୱତନ୍ତ୍ର ସାକ୍ଷାତକାରର ଏକ କିୟଦଂଶ...**

**ପ୍ର. ସିଇସି ଭଳି ଏକ ସର୍ବୋଚ୍ଚ କମିଟିର ମୁଖ୍ୟ ଭାବେ ଆପଣଙ୍କର ପ୍ରଥମ ପଦକ୍ଷେପ କ’ଣ ରହିବ ?**

**ଉ.** ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଏଭଳି ଏକ ସର୍ବୋଚ୍ଚ କମିଟି ଗଠନ କରାଯାଇଛି। କମିଟିର ରୂପରେଖ ଏବଂ ଅନ୍ୟ ସବୁ କାର୍ଯ୍ୟ ବ୍ୟବସ୍ଥିତ ହେବା ପରେ ଯାହା କିଛି ହେବ। କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଅଧିନରେ ଏହି କମିଟି ଏକ ନିୟମିତ ସଂସ୍ଥା ଭାବେ କାର୍ଯ୍ୟ କରିବ। ଏଥିରେ ନିଶ୍ଚିତ ଭାବେ ଜଙ୍ଗଲ ପରିବେଶକୁ ଅଗ୍ରାଧିକାର ଦିଆଯିବ।

**ପ୍ର. ଓଡ଼ିଶାରେ ପରିବେଶ କ୍ଷେତ୍ରରେ ବଡ଼ ଆହ୍ୱାନ କ’ଣ ରହିଛି ?**

**ଉ.** ଆଜି ଦିନରେ ପରିବେଶ ସୁରକ୍ଷାଠାରୁ ବଳି ଆଉ କୌଣସି ଜିନିଷ ନାହିଁ। ବର୍ତ୍ତମାନ ବିଶ୍ୱ ତାପନ ଓ ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ଲୋକେ ଖୁବ୍ ଅନୁଭବ କଲେଣି। ଅତିପ୍ରବଳ ଉପଭୋକ୍ତାବାଦ (କଞ୍ଜ୍ୟୁମରିଜିମ୍) ଯୋଗୁ ଆମର ଅଙ୍ଗାରକାମ୍ଳ ଉର୍ତ୍ସଜନ ଅଧିକ ବଢ଼ିଯାଉଛି। ମନୁଷ୍ୟ ସମାଜ ତିଷ୍ଠି ରହିବାକୁ ହେଲେ ପରିବେଶ ସନ୍ତୁଳନ ବଜାୟ ରଖିବା ନିହାତି ଜରୁରୀ। ଏଥିପାଇଁ ଯେଉଁସବୁ ପରିବେଶ ଆଇନଗୁଡିକ ରହିଛି ସେଗୁଡିକ ଆମକୁ ଅନୁପାଳନ କରିବାକୁ ହେବ। ଏଥିରେ ସିଇସିର ବଡ଼ ଭୂମିକା ରହିବ। ଅନ୍ୟ ରାଜ୍ୟ ଭଳି ଓଡ଼ିଶାରେ ସେଭଳି ପ୍ରଦୂଷଣ ମାତ୍ରା ନାହିଁ।

**ପ୍ର. ଅନ୍ତର୍ଜାତୀୟ ସ୍ତରରେ ଜଳବାୟୁ ପରବର୍ତ୍ତନକୁ ନେଇ ଚିନ୍ତା ବଢ଼ୁଛି। ଏଭଳି ସ୍ଥଳେ ସିଇସିର ଯୋଗଦାନ କ’ଣ ରହିବ ?**

**ଉ.** ବିଶ୍ୱ ସ୍ତରରେ ଜଙ୍ଗଲ ଓ ପରିବେଶ ସୁରକ୍ଷାରେ ଭାରତ ଅଗ୍ରେତା। ଭାରତରେ ପରିବେଶ ସୁରକ୍ଷା ପ୍ରତି ଲୋକମାନଙ୍କର ଯେଉଁ ମାନସିକତା ରହିଛି ତାହା ବିଶ୍ୱର ଅନ୍ୟ କେଉଁଠାରେ ନାହିଁ। ଭାରତ ବିଶ୍ୱର ଶ୍ରେଷ୍ଠ ୧୦ ରାଷ୍ଟ୍ର ମଧ୍ୟରେ ରହିଛି ଯେଉଁଠାରେ ଜଙ୍ଗଲ ଅଞ୍ଚଳ ବଢ଼ୁଛି। ସେହିପରି ଆମେରିକାରେ ମୁଣ୍ଡପିଛା ଅଙ୍ଗାରକାମ୍ଳ ଉର୍ତ୍ସଜନ (କାର୍ବନ୍ ଫୁଟ୍‌ପ୍ରିଣ୍ଟ) ବାର୍ଷିକ ୧୬-୧୭ ଟନ୍ ରହିଥିବାବେଳେ ଭାରତରେ ଏହା ମାତ୍ର ୨ ଟନ୍। ତେଣୁ ଅଙ୍ଗାରକାମ୍ଳ ଉର୍ତ୍ସଜନକୁ କିଭଳି କମ୍ କରାଯାଇ ପରିବେଶ ଅନୁକୂଳ ନୀତି ଆପଣାଯାଇପାରିବ ସେ କ୍ଷେତ୍ରରେ ସିଇସିର ବଡ଼ ଦାୟିତ୍ୱ ରହିବ।

**ପ୍ର. ଖଣି ଅଞ୍ଚଳରେ ପ୍ରଦୂଷଣମାତ୍ରା ଅଧିକ। ଖଣି ଖନନ ଆଉ ବିକାଶ ଏକ ସଙ୍ଗେ ସମ୍ଭବପର କି ?**



**ଉ.** ସମୟ ଥିଲା ଯେଉଁଠି ଖଣି ଅଛି, ସେଇଠି ପରିବେଶ ସମସ୍ୟା ଆଉ ଗରିବି ମଧ ରହିଥିଲା। ହେଲେ ବର୍ତ୍ତମାନ ଓଡ଼ିଶାରେ ଆଉ ସେହି ସମସ୍ୟା ନାହିଁ। ଖଣି ପରିପାର୍ଶ୍ୱ ଅଞ୍ଚଳର ଲୋକଙ୍କ ଆର୍ଥିକ ସ୍ଥିତି ବଦଳିଛି। ଲୋକେ ସ୍ୱାବଲମ୍ବୀ ହୋଇଛନ୍ତି। ଖଣିଜ ସାମଗ୍ରୀକୁ ମୂଲ୍ୟ ଯୁକ୍ତ କରାଯାଇଛି। ଆମକୁ ଏକ ଦାୟିତ୍ୱସମ୍ପନ୍ନ ଶିଳ୍ପ ଆଉ ଖଣିଜ ଖନନ ନୀତି ଆପଣାଇବାକୁ ପଡିବ। ଶିଳ୍ପାଞ୍ଚଳକୁ ସମ୍ପୂର୍ଣ୍ଣ ସବୁଜବଳୟ ପରିବେଶ ମଧ୍ୟରେ ରଖିବାକୁ ହେଲେ ବିଦେଶରେ ଲାଗୁ କରାଯାଉଥିବା କେତେକ ନୀତିକୁ ଆପଣାଇବାକୁ ହେବ। ଯଦିଓ ଏହା ଏକ ବ୍ୟୟବହୁଳ ବ୍ୟବସ୍ଥା, ତଥାପି ପରିବେଶର ଭଲ ପାଇଁ ଆମକୁ ତାହା କରିବାକୁ ପଡିବ। ବିକାଶ ଆଉ ପରିବେଶ ସଂରକ୍ଷଣ ଏକ ସଙ୍ଗେ ହୋଇପାରିବ। ବିଶ୍ୱ ହାରକୁ ବିଚାରକୁ ନେଲେ ଭାରତର ଅଙ୍ଗାରକାମ୍ଳ ଉର୍ତ୍ସଜନ (କାର୍ବନ୍ ଫୁଟ୍‌ପ୍ରିଣ୍ଟ) ସବୁଠୁ କମ୍ ରହିଛି।

**ପ୍ର. ଶିଳ୍ପାୟନରେ ପରିବେଶ ନିୟମ ବାଧକ କି ?**

**ଉ.** ଲୋକଙ୍କ ସହମତି ବିନା କୌଣସି ପଦକ୍ଷେପ ତରବରରେ ନିଆଯିବା ଉଚିତ ନୁହେଁ। ଶିଳ୍ପାୟନରେ ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯାଉ। ଉପଯୁକ୍ତ ଏବଂ ପର୍ଯ୍ୟାପ୍ତ ପୁନର୍ବାସ ଓ ଥଇଥାନ (ଆର୍‌ଆଣ୍ଡଆର୍) ନୀତି ଆପଣାଯାଉ। ଭଗବାନ୍‌ଙ୍କର ସୃଷ୍ଟି ବା ପ୍ରକୃତି ଯାହା କରିଛି ତାହା ହେଉଛି ଶ୍ରେଷ୍ଠ ସମାଧାନ ପନ୍ଥା। ସେଥିରେ ଯେତେ କମ୍ ହସ୍ତକ୍ଷେପ ରହିବ ପରିବେଶ ପାଇଁ ତାହା ସେତେ ଭଲ ହେବ। କାରଣ ପ୍ରକୃତିଠାରୁ ବଡ଼ ଇଞ୍ଜିନିୟର ବା ମ୍ୟାନେଜର କେହି ହୋଇପାରିବେନାହିଁ। ତେଣୁ ଆମେ ପ୍ରକୃତି ବା ପରିବେଶ ସହ କୌଣସି ହେରଫେର କରିବା ଭଳି କାମ କରିବାନାହିଁ। ଆମକୁ ପ୍ରକୃତି ସହ ନିଜକୁ ଖାପଖୁଆଇ ଚଳିବାକୁ ହେବ।

# ଆଇଆଇଆଇଡି ଭୁବନେଶ୍ୱର କେନ୍ଦ୍ରର ପ୍ରତିଷ୍ଠା ସମାରୋହ




**ଭୁବନେଶ୍ୱର,୫ା୧(ସମିସ):** ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ୍ ଇଣ୍ଟେରିୟର ଡିଜାଇନର୍ସ (ଆଇଆଇଆଇଡି) ଏହାର ଭୁବନେଶ୍ୱର ସେଣ୍ଟରର ସଫଳ ପ୍ରତିଷ୍ଠା ସମାରୋହ ପାଳନ କରିଛି। ଏହି କାର୍ଯ୍ୟକ୍ରମରେ ଆଇଆଇଆଇଡି ଜାତୀୟ କାର୍ଯ୍ୟକାରିଣୀ କମିଟିର ସଭାପତି ସରୋଶ ଏଚ୍ ୱାଡିଆ ପ୍ରେରଣାଦାୟୀ ବକ୍ତବ୍ୟ ଦେଇ ସମସାମୟିକ ସ୍ଥାନକୁ ଗଢ଼ିତୋଳିବା ଏବଂ ଜୀବନର ଗୁଣବତ୍ତା ବୃଦ୍ଧିରେ ଆଭ୍ୟନ୍ତରୀଣ ଡିଜାଇନର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଭୁବନେଶ୍ୱର କେନ୍ଦ୍ର ଡିଜାଇନ୍ ପ୍ରେମୀ, ପେସାଦାର ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଏକ ହବ୍ ଭାବରେ କାର୍ଯ୍ୟ କରିବ ଏବଂ ଇଣ୍ଟେରିୟର ଡିଜାଇନରେ ଅଭିନବତା ଏବଂ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ, କର୍ମଶାଳା ଏବଂ କାର୍ଯ୍ୟକ୍ରମ ପ୍ରଦାନ କରିବ। ଆଇଆଇଆଇଡି ଭୁବନେଶ୍ୱରର ଅଧ୍ୟକ୍ଷ ଭକ୍ତି ପ୍ରସାଦ ମହାପାତ୍ର କହିଛନ୍ତି ଯେ, ଭୁବନେଶ୍ୱରରେ ଆମ କେନ୍ଦ୍ର ଖୋଲିବା ସହ ଏହି ଅଞ୍ଚଳରେ ଡିଜାଇନ ସମୁଦାୟ ପାଇଁ ଉତ୍ସର୍ଗୀକୃତ ସ୍ଥାନ ଯୋଗାଇ ଦେବା ନେଇ ଆମେ ଉତ୍ସାହିତ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମାନ୍ୟବର ସମ୍ପାଦିକା ସାମିନୀ ଶଙ୍କର ଜୈନ, ଅଧ୍ୟକ୍ଷ ସଦସ୍ୟତା ଲୀନା ନିମ୍ବାଲକର, ଏନଇସି ସଦସ୍ୟ ଗଣେଶ କୁମାର ୱାବଲେ, ନୂଆ ଅଧ୍ୟାୟର ଅଧ୍ୟକ୍ଷ ସୁରେଶ କୁମାର ଓ ଆଇଆଇଆଇଡି ଭୁବନେଶ୍ୱରର ମାନ୍ୟବର ସମ୍ପାଦକ ଉତ୍କର୍ଷ ପଟ୍ଟନାୟକ, ଉପାଧ୍ୟକ୍ଷ ଆଦିତ୍ୟ ଅଗ୍ରୱାଲ, ଟ୍ରେଜରର ଶ୍ରୀନିବାସ ସୁବୁଦ୍ଧିଙ୍କ ସମେତ ପରିଚାଳନା କମିଟି ସଦସ୍ୟ ଗାର୍ଗୀ ପଟ୍ଟନାୟକ, ମୋନିକା ପ୍ରିତମ ଦାଶ, ଶ୍ରୀକାନ୍ତ କୁମାର ବିଶ୍ୱାଳ ଓ ପ୍ରଭା ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଷ୍ଟେନଲେସ ଷ୍ଟିଲ୍ ସ୍କ୍ରାପ୍‌ରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଶୂନ୍ୟ ସୀମା ଶୁଳ୍କ ପ୍ରସ୍ତାବ

**ଭୁବନେଶ୍ୱର, ୫ା୧(ସମିସ):** ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦନକାରୀ ଜିନ୍ଦଲ ଷ୍ଟେନଲେସ୍ ଶୁଦ୍ଧ ନିକେଲ ବ୍ୟତୀତ ଷ୍ଟେନଲେସ ଷ୍ଟିଲ ସ୍କ୍ରାପ ଏବଂ ଇସ୍ପାତ ସ୍କ୍ରାପ ଉପରେ ଜିରୋ ସୀମା ଶୁଳ୍କ ଲାଗୁ ପ୍ରସ୍ତାବ ଦେଇଛି। ବଜେଟ୍ ସୁପାରିସରେ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, କେନ୍ଦ୍ର ବଜେଟ ୨୦୨୪ -୨୫କୁ ଆଖି ଆଗରେ ରଖି ଆମେ ଇସ୍ପାତ ମନ୍ତ୍ରଣାଳୟର ନିରନ୍ତର ସହାୟତା ପାଇଁ ଅନୁରୋଧ କରୁଛୁ। ବିଶେଷ କରି, ଫେରୋ ନିକେଲ୍ ଏବଂ ଫେରୋ ମଲିବଡେନମ୍ ଉପରେ ମୌଳିକ କଷ୍ଟମ ଡ୍ୟୁଟିର ଦୀର୍ଘକାଳୀନ ରିଆତି ମିଳିଲେ ଶିଳ୍ପ ସଂସ୍ଥାନମାନଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ ସୁଲଭ ମୂଲ୍ୟରେ ମିଳିବା ସୁନିଶ୍ଚିତ ହୋଇପାରିବ। ଏହାବ୍ୟତୀତ, ଆମେ ଷ୍ଟେନଲେସ ଷ୍ଟିଲ୍ ସ୍କ୍ରାପ ଓ ଇସ୍ପାତ ସ୍କ୍ରାପ ଉପରେ ବର୍ତ୍ତମାନ ଚାଲୁଥିବା ଶୂନ୍ୟ ସୀମା ଶୁଳ୍କ ଜାରି ରଖିବାକୁ ସୁପାରିଶ କରିବୁ। ଦେଶରୁ



କ୍ରୋମ ପଥର ରପ୍ତାନି ଉପରେ ୩୦% ରପ୍ତାନି ଶୁଳ୍କ ଜାରି କରିବାକୁ ଆମେ ଅନୁରୋଧ କରୁଛୁ। ଆମେ ଷ୍ଟେନଲେସ୍ ଷ୍ଟିଲ ପାଇଁ ସ୍ଥିର ଶୁଳ୍କ ମୂଲ୍ୟ ପ୍ରତିଷ୍ଠା ଏବଂ କମ୍ ଡ୍ୟୁଟି ନିୟମ ବିଲୋପ କରିବା ଏବଂ ସବସିଡି ମାର୍ଜିନ / ଡମ୍ପିଂ ମାର୍ଜିନ ଉପରେ ଆଧାର କରି ଡ୍ୟୁଟି ଲାଗୁ କରିବା ପାଇଁ ବାଣିଜ୍ୟ ପ୍ରତିକାର ଆଇନର ସଂଶୋଧନ ପାଇଁ ପ୍ରସ୍ତାବ ଦେଉଛୁ।

# ଭୁବନେଶ୍ୱର ସିଟି



# ଟ୍ରେଡିଂ ଆପ୍ ମାୟାରେ ଯୁବପିଢ଼ି

- ରାତାରାତି କୋଟି ପତି ଆଶାରେ ହରାଉଛନ୍ତି ଟଙ୍କା
- ବେଆଇନ୍ ଟ୍ରେଡିଂ ଆପ୍ ଉପରେ ଲାଗିବ ଅଙ୍କୁଶ
- ଇଓଡବ୍ଲ୍ୟୁ ନଜରରେ ୩ଶହ ବେନାମୀ ଆପ୍



**ଭୁବନେଶ୍ୱର, ୫।୧(ସମିସ):** ଯୁଗ ସହ ତାଳ ଦେଇ ଯୁବପିଢ଼ି ଅଧିକ ମାତ୍ରାରେ ଟେକ୍ନୋଲୋଜିର ନିକଟତର ହେଉଛନ୍ତି। ହାତ ପାହାନ୍ତାରେ ଲୋକେ ଦେଶ ଦୁନିଆ ସହ ଯୋଡ଼ି ହୋଇଯାଉଛି। ଏପରକି ଯାହା ପାଖରେ ଆଣ୍ଡ୍ରୋଏଡ୍ ଫୋନ୍ ରହିଛି ସେ ବ୍ୟାଙ୍କ୍‌କୁ ନ ଯାଇ ଆଙ୍ଗୁଳି ଟିପରେ କୋଟି କୋଟି ମଧ ଟ୍ରାଞ୍ଜାକ୍‌ସନ୍ କରୁଛି। କିନ୍ତୁ ଏହି ଟେକ୍ନୋଲୋଜିର ଖରାପ ବ୍ୟବହାର ଯୋଗୁଁ ଅନେକ ଜୀବନ ଅକାଳରେ ଝଡ଼ି ପଡୁଛି। ବିଶେଷ କରି ରାତାରାତି କୋଟି ପତି ହେବା ଆଶାରେ ପଡ଼ି ଅନେକ ସମୟରେ କ୍ଷତି ସହି ଆତ୍ମହତ୍ୟା ଭଳି ପଦକ୍ଷେପ ନେବାକୁ ମଧ ପଛାଉ ନାହାନ୍ତି। ସେମାନେ ନିଜ ଆଣ୍ଡ୍ରୋଏଡ୍ ମୋବାଇଲରୁ ବିଭିନ୍ନ ଟ୍ରେଡିଂ ଆପ୍ ଡାଉନ୍‌ଲୋଡ୍ କରି ଅର୍ଥ ଲଗାଉଛନ୍ତି। ଟ୍ରେଡିଂ ଆପରେ ଟଙ୍କା ଲଗାଇବା ଏକ ପ୍ରକାର ଜୁଆ ଖେଳ ପରି ହୋଇଥାଏ। ପ୍ରଥମେ ଯୁବକ ନିଜ ସକ୍ଷମ ଅନୁସାରେ ଏଥିରେ ଟଙ୍କା ଲଗାଇଥାନ୍ତି। ଟଙ୍କା ଲଗାଇବା ପରେ ଆନୁମାନିକ ଭାବେ ସେୟାର କଣ୍ଟା ନିର୍ଦ୍ଦିଷ୍ଟ ଟାର୍ଗେଟ କରିବାକୁ ପଡ଼ିଥାଏ। ଯଦି ଏହାର ତଳକୁ ଗ୍ରାଫ୍ ଯାଇଥାଏ ତେବେ ଲଗାଇଥିବା ଟଙ୍କା ବୁଡିବା ଏକ ପ୍ରକାର ଧାର୍ଯ୍ୟ ହୋଇଥାଏ। ସେହପରି ଯଦି ସେୟାର କଣ୍ଟା ଉପରକୁ ଯାଇଥାଏ ନିହାତି ଲାଭ ହୋଇଥାଏ। ଲାଭ ଟଙ୍କାକୁ ମଧ ଯୁବକମାନେ ନିଜ ଆକାଉଣ୍ଟକୁ ପଠାଇଥାଏ। ଟ୍ରେଡିଂ ଆପ୍ ନିଶା ଏଭଳି ଯୁବପିଢ଼ିଙ୍କୁ କରାୟତ କରିଥାଏ। ଜଣେ ଚାହିଁଲେ ବି ଏହାକୁ ଛାଡ଼ିବା ମୁସ୍କିଲ୍ ହୋଇପଡେ। ଶେଷରେ ଯୁବପିଢ଼ି ଲକ୍ଷାଧିକ ଟଙ୍କା ଟ୍ରେଡିଂ ଆପ୍‌ରେ ଲଗାଇ କ୍ଷତି ହେବା ପରେ ସହ୍ୟ କରିପାରନ୍ତି ନାହି। ଯେଉଁଥି ପାଇଁ ଧାର କରଜ କରି ସର୍ବସ୍ୱାନ୍ତ ହେବା ପରେ ଏଭଳି ପଦକ୍ଷେପ ନେଇଥାନ୍ତି।

## ଟ୍ରେଡିଂ ନାଁରେ ବଢୁଛି ସାଇବର ଠକେଇ

ଟ୍ରେଡିଂ ଆପ୍ ମାଧ୍ୟମରେ ଟଙ୍କା ଲଗାଇବା ଦ୍ୱାରା ସାଇବର ଠକେଇ ବଢୁଥିବା ଅଭିଯୋଗ ହେଉଛି। ସାଇବର ଠକ ଏବେ ଗୁଗୁଲ୍ ପ୍ଲେ ଷ୍ଟୋରରେ ଅନେକ ନକଲିଂ ଟ୍ରେଡିଂ ଆପ୍ ଖୋଲିଛନ୍ତି। ଜଣେ ବ୍ୟକ୍ତି ଟ୍ରେଡିଂ ଆପ୍ ବିଷୟରେ ଗୁଗୁଲରେ ସର୍ଚ୍ଚ କରିବା ପରେ ଠକଙ୍କ ନକଲି ଆପ୍ ବିଷୟରେ ସମସ୍ତ ତଥ୍ୟ ପଳାଇ ଆସିଥାଏ। ପରେ ପ୍ଲେ ଷ୍ଟୋର୍‌କୁ ଯାଇ ଡାଉନ୍ ଲୋଡ୍ କରିବା ପରେ ସାଇବର ଠକଙ୍କ ଜାଲରେ ଫସିଯାଇଥାନ୍ତି। ଏଥିରେ ଟଙ୍କା ଲଗାଇବା ପୂର୍ବରୁ ଆପ୍‌ରେ ଆକାଉଣ୍ଟ ନମ୍ବର ଏବଂ ଅନ୍ୟାନ୍ୟ ତଥ୍ୟ ମାଗି ନେଇଥାନ୍ତି। ପରବର୍ତ୍ତୀ ସମୟରେ ସାଇବର ଠକ ରେଜିଷ୍ଟ୍ରେସନ କରିଥିବା ବ୍ୟକ୍ତିଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଚଳୁ କରି ଦେଇଥାନ୍ତି। ଏଭଳି ଧରଣର ଠକେଇ ଛତିଶଗଡ଼, ବିହାର, ଉତ୍ତରପ୍ରଦେଶ ଏବଂ ଓଡ଼ିଶାରେ ଅଧିକ ମାତ୍ରାରେ ଦେଖାଯାଉଛି। ଟଙ୍କା ରୋଜଗାର କରିବା ପାଇଁ ଏବେ ଅନେକ ବ୍ୟକ୍ତି ୟୁ-ଟ୍ୟୁବ୍‌ରେ କାର୍ଟୁନ ଏବଂ କମେଡି ଅଭିନୟ କରୁଛନ୍ତି। ଏବେ ସମସ୍ତଙ୍କ ନିକଟରେ ଆଣ୍ଡ୍ରୋଏଡ୍ ଫୋନ୍ ରହିଥିବାରୁ ଘରେ ଘରେ ଲୋକେ ଏହି ସବୁ କମେଡି ଏବଂ କାର୍ଟୁନ୍ ଦେଖୁଛନ୍ତି। ଏସବୁ ଦେଖି ସେମାନେ ମନୋରଞ୍ଜନ କରୁଛନ୍ତି। କିନ୍ତୁ ଏବେ ଅନେକ ଟ୍ରେଡିଂ ସଂସ୍ଥା ବେଆଇନ ଭାବେ ଆପ୍ କରି ବିଭିନ୍ନ ସୋସିଆଲ ମିଡିଆରେ ବିଜ୍ଞାପନ ଦେଉଛନ୍ତି। ବିଶେଷ କରି ଏଭଳି ଲୋକପ୍ରିୟ ୟୁ-ଟ୍ୟୁବ୍ କମେଡି ସିରିଏଲକୁ ଟାର୍ଗେଟ କରିଛନ୍ତି। ଏଭଳି ସିରିଏଲରେ କାମ କରୁଥିବା ଅଭିନେତାମାନେ କିଛି ଟଙ୍କା ନେଇ ଟ୍ରେଡିଂ ଆପ୍‌ରେ ଟଙ୍କା ଲଗାଇବା ପାଇଁ ପ୍ରବର୍ତ୍ତାଉଛନ୍ତି। ଯାହାଫଳରେ ଅନେକ ଲୋକ ଏଭଳି ଅଭିନେତାମାନଙ୍କୁ ନିଜର ଆଦର୍ଶ ମାନି ପ୍ଲେ ଷ୍ଟୋର୍‌କୁ ଯାଇ ଟ୍ରେଡିଂ ଆପ୍ ଡାଉନ୍ ଲୋଡ୍ କରି ଟଙ୍କା ଲଗାଉଛନ୍ତି। ଯାହାଫଳରେ ଅନେକଲୋକେ ଏଥିରେ ଟଙ୍କା ଲଗାଇ କ୍ଷତିରେ ପଡୁଛନ୍ତି। ତେଣୁ ଏଭଳି ଅପରାଧ ପଛରେ ମଧ ପ୍ରବର୍ତ୍ତାଉଥିବା ଅଭିନେତା ଦାୟୀ ବୋଲି ଅଭିଯୋଗ ହେଉଛି।

## ବିନା ଆର୍‌ବିଆଇ ରେଜିଷ୍ଟ୍ରେସନ୍‌ରେ ଟ୍ରେଡିଂ ସଂସ୍ଥା

ଟ୍ରେଡିଂ ସଂସ୍ଥା ଖୋଲିବା ପୂର୍ବରୁ ଆର୍‌ବିଆଇରୁ ରେଜିଷ୍ଟ୍ରେସନ କରି ଅନୁମତି ଆଣିବାକୁ ପଡ଼ିବ। ଏପରିକି ଏଥିଲାଗି ମଧ ଆର୍‌ବିଆଇର ସ୍ୱତନ୍ତ୍ର ଗାଇଡ୍ ଲାଇନ୍ କରିଛନ୍ତି। କିନ୍ତୁ ଅନେକ ସଂସ୍ଥା ବିନା ଆର୍‌ବିଆଇ ରେଜିଷ୍ଟ୍ରେସନରେ ଟ୍ରେଡିଂ ସଂସ୍ଥା ଖୋଲିଛନ୍ତି। ସେମାନେ ଜାଲ ଟ୍ରେଡିଂ ଆପ୍ ପ୍ରସ୍ତୁତ କରି ଲୋକଙ୍କୁ ବିଜ୍ଞାପନ ମାଧ୍ୟମରେ ଡାଉନ୍ ଲୋଡ୍ କରିବାକୁ କହୁଛନ୍ତି। ଅନେକ ଲୋକେ ଏହାର କବଳିତ ହେବା ପରେ ସେମାନେ ତାଙ୍କୁ ଶୋଷିବା ଆରମ୍ଭ କରିଥାନ୍ତି। ପ୍ରଥମେ ସେମାନେ ଟଙ୍କା ଲଗାଉଥିବା ବ୍ୟକ୍ତିଙ୍କୁ କିଛି ଲାଭ ଦେଇଥାନ୍ତି। କିନ୍ତୁ ଯେତବେଳେ ଜଣେ ଲକ୍ଷାଧିକ ଟଙ୍କା ବାଜିରେ ଲଗାଇଥାନ୍ତି, ସେତବେଳେ ସେମାନେ ଟଙ୍କା ଲୁଟି ନେଇଥାନ୍ତି। ଶେଷରେ ଅନେକ କ୍ଷତି ସହ୍ୟ କରିନପାରି ଆତ୍ମହତ୍ୟା କରୁଥିବା ନଜରି ରହିଛି। ଏଭଳି ଠକେଇ ବଢୁଥିବାରୁ ଇଓଡବ୍ଲ୍ୟୁ ସ୍କାନର୍‌ରେ ଏବେ ବେଆଇନ୍ ଭାବେ ଚାଲୁଥିବା ୩ଶହ ଆପ୍ ରହିଛି।

### ସମାଧାନ ହେବ ରାଜୀବ ନଗର ଜଳବନ୍ଦୀ ସମସ୍ୟା

# ବିଏମ୍‌ସି ନିର୍ମାଣ କରିବ ୧୨୭୦ ମିଟର ଡ୍ରେନ୍



**ଭୁବନେଶ୍ୱର, ୫।୧(ସମିସ):** ବର୍ଷାଦିନ ଆରମ୍ଭ ହେବା ମାତ୍ରେ ଜଳବନ୍ଦୀ ସମସ୍ୟାକୁ ନେଇ ସବୁ ସମୟରେ ଚର୍ଚ୍ଚାରେ ରହେ ରାଜୀବ ନଗର। ଦିନ ଦିନ ଧରି ରାଜୀବ ନଗର ଏବଂ ଏହାର ଆଖପାଖ ଅଞ୍ଚଳରେ ସାମୟିକ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୁଏ। ପ୍ରବଳ ବର୍ଷା ହେଲେ ରାଜୀବ ନଗର ସମେତ ଖଣ୍ଡଗିରି ପ୍ଲାଜା, ଶ୍ରୀକ୍ଷେତ୍ର ବିହାର, ଚିଦାନନ୍ଦ ବିହାର, କୋଳଥିଆ, ଖାରବେଳ କମ୍ପ୍ଲେକ୍ସ ଏବଂ ଏହାର ଆଖପାଖ ଅଞ୍ଚଳରେ ରାସ୍ତାରେ ପାଣିଚାଲେ। ଘରେ ପାଣି ପଶିଯାଏ। ଅଞ୍ଚଳବାସୀ ଘରୁ ବାହାରି ପାରନ୍ତି ନାହିଁ। ଲଗାଣବର୍ଷା ବେଳେ ଏଠାରୁ ବୋଟ୍ ଯୋଗେ ଲୋକଙ୍କୁ ଉଦ୍ଧାର କରାଯାଏ। ପ୍ରଶାସନ ପକ୍ଷରୁ ରିଲିଫ୍ ବାଣ୍ଟିବା ସହ ବରିଷ୍ଠ ନାଗରିକ ରିଲିଫ୍ କ୍ୟାମ୍ପକୁ ସ୍ଥାନାନ୍ତର କରାଯାଏ। ବର୍ଷାଦିନ ଅଞ୍ଚଳବାସୀଙ୍କ ଦୁଃଖ ଭାବେ ପାଲଟିଯାଏ। ଏହାର କାରଣ ୯ ନମ୍ବର ଡ୍ରେନ୍। ଡ୍ରେନ୍‌ର ଉଭୟ ପାର୍ଶ୍ୱରେ କାନ୍ଥ ନ ଥିବାରୁ ଏପରି ଅବସ୍ଥା ସୃଷ୍ଟି ହୁଏ। ହେଲେ ଏହି ସମସ୍ୟା ଆଉ ରହିବ ନାହିଁ। ୬ମାସ ମଧ୍ୟରେ ଡ୍ରେନ୍‌ର କାନ୍ଥ ନିର୍ମାଣ କାର୍ଯ୍ୟ ଶେଷ ହେବ। ବିଏମ୍‌ସି କାର୍ଯ୍ୟାଳୟରେ ବିଜ୍ଞାନ ଓ କାରିଗରୀ କୌଶଳ, ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ୯ ନମ୍ବର ଡ୍ରେନ୍‌ର ଉଭୟ ପାର୍ଶ୍ୱ ୱାଲ ନିର୍ମାଣ ହେଲେ ଆଉ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେବ ନାହିଁ ବୋଲି ସ୍ଥାନୀୟ ଲୋକଙ୍କ ସହ ବିଏମ୍‌ସି ପକ୍ଷରୁ କୁହାଯାଇଥିଲା। ନିଷ୍ପତ୍ତି ଅନୁଯାୟୀ, ବିଏମ୍‌ସି ୧୨୭୦ ମିଟର ଦୈର୍ଘ୍ୟ ବିଶିଷ୍ଟ ଏକ ଡ୍ରେନ୍ ନିର୍ମାଣ କରିବ। ଡ୍ରେନ୍‌ର ଖଣ୍ଡଗିରି ପ୍ଲାଜାଠାରୁ ଆରମ୍ଭ କରି କସ୍ମୋପଲିସ୍ ଡିଏନ୍‌ଅକ୍ସି ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱ ୱାଲ ନିର୍ମାଣ କରାଯିବ। ଏଥିପାଇଁ ଟେଣ୍ଡର ହୋଇ ୭ଜଣଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଅନ୍ୟ ଏକ ଟେଣ୍ଡର ମଧ ହୋଇସାରିଛି। ଏହି ପ୍ରକଳ୍ପ ପାଇଁ ୨୬.୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଆସନ୍ତା ବର୍ଷାଋତୁ ପୂର୍ବରୁ କାମ ଶେଷ କରିବାକୁ ମନ୍ତ୍ରୀ ଶ୍ରୀ ପଣ୍ଡା ନିର୍ଦ୍ଦେଶ ଦେଇଛନ୍ତି। ଦୀର୍ଘ ଦିନର ଦାବି ପୂରଣ ହୋଇଥିବାରୁ ଏହି ଆଲୋଚନାରେ ଅଂଶ ଗ୍ରହଣ କରିଥିବା ରାଜୀବ ନଗର ବାସୀଦାମାନେ ବେଶ ଖୁସି ବ୍ୟକ୍ତ କରିଛନ୍ତି। ଏହି ବୈଠକରେ କମିସନର ବିଜୟ ଅମୃତା କୁଲାଙ୍ଗେ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ଅମରେଶ ଜେନା, ସିଟି ଇଂଜିନିୟର ବିଳାସ କୁମାର ବେହେରା, କର୍ପୋରେଟର, ଡ୍ରେନେଜ୍ ବିଭାଗର ବରିଷ୍ଠ ଅଧିକାରୀ, ରାଜୀବ ନଗର ଅଞ୍ଚଳର ନାଗରିକମାନଙ୍କ ସହ ଆଲୋଚନା କରିଥିଲେ।

**ଅଞ୍ଚଳବାସୀ, ମନ୍ତ୍ରୀ ଓ ବିଏମ୍‌ସି ଅଧିକାରୀଙ୍କ ମିଳିତ ବୈଠକ**

# ୫୦ ଲକ୍ଷ ଠକେଇ, ବିଲ୍ଡର ଗିରଫ



**ଭୁବନେଶ୍ୱର, ୫।୧ (ସମିସ):** ବିଲ୍ଡିଂ ବିକ୍ରି ନାଁରେ ୫୦ ଲକ୍ଷ ଟଙ୍କା ଠକି ନେଇଥିବା ଜଣେ ବିଲଡର୍‌କୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଶାସ୍ତ୍ରୀନଗରର ଅଜୟ କୁମାର ଚୌଧୁରୀ (୩୬)। ପୁଲିସ ସୂଚନା ଅନୁଯାୟୀ, ସୁବାସ ଚନ୍ଦ୍ର ପଣ୍ଡା ଏକ ବିଲ୍ଡିଂ କିଣିବା ପାଇଁ ଅଜୟକୁ ଅଗ୍ରୀମ ୫୦ ଲକ୍ଷ ୪୦ ହଜାର ଟଙ୍କା ଦେଇଥିଲେ। ଅଜୟ ତାଙ୍କୁ ଆଚାର୍ଯ୍ୟ ବିହାରରେ କିମ୍ବା ଶାସ୍ତ୍ରୀ ନଗରରେ ଗୋଟିଏ ବିଲ୍ଡିଂ ବିକ୍ରି କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ପରବର୍ତ୍ତୀ ସମୟରେ ବିଲ୍ଡିଂ ବିକ୍ରି କରିବ ନାହିଁ କହିବା ସହିତ ସୁବାସଙ୍କ ଅଗ୍ରୀମ ଟଙ୍କାକୁ ଫେରସ୍ତ କରିବାକୁ ରାଜି ହୋଇଥିଲା। ଅଜୟ ଗତ ୨୦୨୦ ଫେବୃୟାରୀ ୨୭ ତାରିଖରେ ଏକ ଚୁକ୍ତି କରିବା ସହିତ ସୁବାସଙ୍କୁ ୪ଟି ଚେକ ଦେଇଥିଲା ଓ ସମୟ ଅବଧି ମଧ୍ୟରେ ଟଙ୍କା ଫେରସ୍ତ କରିବାକୁ କହିଥିଲା। ଅଜୟ ନେଇଥିବା ସମୟ ଅବଧି ମଧ୍ୟରେ ଟଙ୍କା ଫେରସ୍ତ କରିନଥିବାରୁ ସୁବାସ ଅନେକ ସମୟରେ ଟଙ୍କା ମାଗିଥିଲେ। ହେଲେ ସେ କିଛି ଶୁଣି ନଥିଲା। ସୁବାସ ଗତ ଜାନୁୟାରୀ ୩ ତାରିଖ ଶାସ୍ତ୍ରୀନଗରରେ ଅଜୟକୁ ଦେଖା ହେବାରୁ ଟଙ୍କା ଫେରସ୍ତ କରିବାକୁ କହିଥିଲେ। ଅଜୟ ରାଗିଯାଇ ତାଙ୍କୁ ଗାଳି ଗୁଲଜ କରିବା ସହ ହତ୍ୟା କରିବାର ଧମକ ଦେଇଥିଲେ। ଏ ନେଇ ସୁବାସ ବଡ଼ଗଡ଼ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଏଥିସହିତ ଅଜୟକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଜୟର ପୂର୍ବ ଅପରାଧିକ ସମ୍ପୃକ୍ତି ଯାଞ୍ଚ ବେଳେ ସେ ବଡ଼ଗଡ଼, ନୂଆପଲ୍ଲୀ, ଶହୀଦନଗର ଓ ଖାରବେଳ ନଗର ଥାନାରେ ୭ଟି ମାମଲାରେ ସମ୍ପୃକ୍ତ ଥାଇ ପୂର୍ବରୁ ଏହିପରି ଠକେଇ ମାମଲାରେ କୋର୍ଟ ଚାଲାଣ ହୋଇଥିବା ଜଣାପଡ଼ିଥିଲା।

# ଜବରଦଖଲମୁକ୍ତ ହେଲା ଡିଷ୍ଟ୍ରିକ୍ ସେଣ୍ଟର ପାର୍କିଂ ଅଞ୍ଚଳ




**ଭୁବନେଶ୍ୱର, ୫।୧(ସମିସ):** ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାକୁ ଜୋରଦାର କରିଛି ବିଡିଏ। ଚନ୍ଦ୍ରଶେଖରପୁରସ୍ଥିତ ଡିଷ୍ଟ୍ରିକ୍ ସେଣ୍ଟରର ପାର୍କିଂ ଅଞ୍ଚଳ ବେଆଇନ ଭାବେ ଜବରଦଖଲ ହୋଇଥିଲା। ଯାହଫଳରେ ଏଠାରେ ପାର୍କିଂ ସମସ୍ୟା ସୃଷ୍ଟି ହେଉଥିଲା। ଅନେକଗୁଡ଼ିଏ ବଡ଼ ଦୋକାନ ରାସ୍ତାକୁ ମାଡ଼ି ଆସିଥିଲେ। ଏହାକୁ ଭାଙ୍ଗିଦିଆଯାଇଛି। ଭାଙ୍ଗିଯାଇଥିବା ଦୋକାନଗୁଡ଼ିକ ମଧ୍ୟରେ ରହିଛି ୫କ୍ୟାବିନ୍, ୨ହୋଟେଲ, ୪ପଲିଥିନି ନିର୍ମିତ ଦୋକାନ, ୩ଟିଣ ସେଡ୍ ଦୋକାନ, ୨ଗ୍ୟାରେଜ୍, କାଠ ଦୋକାନ, ୭ ସମ୍ପ୍ରସାରଣ ଅଂଶ, ୫୦ଟି ସିଡି, ୧୦ଟି ଲୁହାହୋର୍ଡିଂ, ୪ଟି ଲୁହା ଗେଟ୍ ଏବଂ ଗୋଟିଏ ୫୦ଫୁଟ ଲମ୍ବର ସ୍ଲାଇଡିଂ ଗେଟ୍ ମାଟିରେ ମିଶିଯାଇଛି ଏହା ସହ ୩ଶହ ଫୁଟ ଲମ୍ବର ଲୁହା ଫେନ୍ସକୁ ମଧ ଭଙ୍ଗାଯାଇଛି ଆଇନଶୃଙ୍ଖଳା ପାଇଁ ଗୋଟିଏ ସେକ୍ସନ ପୁଲିସ ଫୋର୍ସ ଓ ମହିଳା ପୁଲିସ ମୁତୟନ କରାଯାଇଥିଲା। ଉଚ୍ଛେଦବେଳେ ବିଡିଏ ଡେପୁଟି କମିସନର (ଏନ୍‌ଫୋର୍ସମେଣ୍ଟ) ଅରୁଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଫଟୋ ଭାଇରାଲ କରି ପୂର୍ବ ପ୍ରେମିକ ଗିରଫ

**ଭୁବନେଶ୍ୱର, ୫।୧(ସମିସ):** ଯୁବତୀଙ୍କ ଆପତ୍ତିଜନକ ଫଟୋ ଭାଇରାଲ କରିଥିବା ଅଭିଯୋଗରେ ପୁରୁଣା ପ୍ରେମିକକୁ ଗିରଫ କରିଛି ମହିଳା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଲିଙ୍ଗିପୁରର ଯଜ୍ଞଦତ୍ତ ସେନାପତି (୩୦)। ପୁଲିସ ସୂଚନା ଅନୁଯାୟୀ, ଯଜ୍ଞ କିଛି ବର୍ଷ ପୂର୍ବେ ଜଣେ ଯୁବତୀଙ୍କ ସହିତ ପ୍ରେମ ସମ୍ପର୍କ ରହିଥିଲା। ଯୁବତୀଙ୍କୁ ଶାରୀରିକ ନିର୍ଯାତନା ଦେବା ସହ ତାଙ୍କର କିଛି ଆପତ୍ତିଜନକ ଫଟୋକୁ ରଖିଥିଲା। ସେହି ଫଟୋଗୁଡ଼ିକୁ ଭାଇରାଲ କରିବାର ଧମକ ଦେଇ ତାଙ୍କୁ ବାରମ୍ବାର ଶାରୀରିକ ନିର୍ଯାତନା ଦେଇ ଆସୁଥିଲା। ଯଜ୍ଞ ଅନ୍ୟତ୍ର ବିବାହ ପରେ ମଧ ପୁନର୍ବାର ଯୁବତୀଙ୍କୁ ଧମକାଇ ତାଙ୍କ ସହିତ ସମ୍ପର୍କ ରଖିବାକୁ ଚେଷ୍ଟା କରିଥିଲା। ହେଲେ ଯୁବତୀ ଜଣକ ଏଥିରେ ରାଜି ହୋଇନଥିଲେ। ଯଜ୍ଞ ଏହାପରେ ଯୁବତୀଙ୍କ ଆପତ୍ତିଜନକ ଫଟୋଗୁଡ଼ିକୁ ହ୍ୱାଟସ୍‌ଆପରେ ଭାଇରାଲ କରି ଦେଇଥିଲା। ଏ ନେଇ ଯୁବତୀ ଜଣକ ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଯଜ୍ଞକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତା' ଠାରୁ ଏକ ମୋବାଇଲ ଫୋନ ଜବତ କରାଯାଇଛି।

# ଦୁଇ ନିଶା ବେପାରୀ ଗିରଫ



**ଭୁବନେଶ୍ୱର, ୫।୧(ସମିସ):** ବେଆଇନ ନିଶା କାରବାର କରୁଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି କମିସନରେଟ ପୁଲିସ। ଗିରଫ ଅଭିଯୁକ୍ତ ହେଲେ ନୂଆପଲ୍ଲୀ ସହିଦ ଲକ୍ଷ୍ମଣ ନାୟକ ବସ୍ତିର ଶିବଶଙ୍କର ମାଝୀ (୩୪) ଓ ଲକ୍ଷ୍ମୀସାଗର ସନ୍ତୋଷୀ ବିହାରର ରାମଚନ୍ଦ୍ର ସାମଲ (୫୭)। ପୁଲିସ ସୂଚନା ଅନୁସାରେ, ବରମୁଣ୍ଡା ରାଜଧାନୀ କଲେଜ ଗେଟ ନଂ-୨ ନିକଟରେ ବ୍ରାଉନ୍‌ସୁଗର୍ ବିକ୍ରି ଚାଲିଥିବା ଖବର ପାଇ ଖଣ୍ଡଗିରି ଥାନା ପୁଲିସ ଚଢ଼ଉ କରିଥିଲା। ସେଠାରେ ବେଆଇନ ବ୍ରାଉନ୍‌ସୁଗର୍ ବିକ୍ରି କରୁଥିବା ଅଭିଯୋଗରେ ଶିବଶଙ୍କରକୁ ଗିରଫ କରିଥିଲା। ତଲାସିବେଳେ ତା' ନିକଟରୁ ୬ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗର୍, ଗୋଟିଏ ମୋବାଇଲ ଫୋନ ଓ ଗୋଟିଏ ସ୍କୁଟି ଜବତ କରିଥିଲା। ସେ ବ୍ରାଉନ୍‌ସୁଗର୍‌କୁ ବାଲେଶ୍ୱର ଅଞ୍ଚଳରୁ ସଂଗ୍ରହ କରି ରାଜଧାନୀରେ ବିକ୍ରି କରୁଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା। ସେହିପରି ବଡ଼ଗଡ଼ ଥାନା ପୁଲିସ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ସମୟରେ ବଡ଼ଗଡ଼ କେନାଲ ରୋଡ୍‌ରେ ଥିବା ଜେବିଏସ୍ ମଲ୍ ନିକଟରେ ରାମଚନ୍ଦ୍ର ଗୋଟିଏ ଜରି ବ୍ୟାଗ ଧରି ଠିଆ ହୋଇଥିବାର ଦେଖିଥିଲେ। ସନ୍ଦେହରେ ପୁଲିସ ତଲାସି କରିବାରୁ ରାମଚନ୍ଦ୍ର ଠାରୁ ଗୋଟିଏ ଜରି ବ୍ୟାଗ୍‌ରେ ୧କିଲୋ ୭୫୦ଗ୍ରାମ ଓଜନର ଗଞ୍ଜେଇ, ଗୋଟିଏ ମୋବାଇଲ ଫୋନ୍ ଓ ୨୫୦ ଟଙ୍କା ଜବତ କରିଥିଲା। ଏନେଇ ଖଣ୍ଡଗିରି ଓ ବଡ଼ଗଡ଼ ଥାନା ପୁଲିସ ଏନ୍‌ଡିପିଏସ୍ ଆକ୍ଟରେ ଦୁଇଟି ପୃଥକ୍ ମାମଲା ରୁଜୁ କରି ଦୁଇ ନିଶା ବେପାରୀଙ୍କୁ କୋର୍ଟ ଚାଲାଣ କରିଛି।

# ଛାତରୁ ପଡ଼ି ପ୍ରାଣ ହରାଇଲେ ଶ୍ରମିକ

**ଭୁବନେଶ୍ୱର, ୫।୧(ସମିସ):** ଲିଙ୍ଗରାଜ ଥାନା ସାମନ୍ତରାପୁର ଅଞ୍ଚଳରେ ଅଘଟଣ ଘଟିଛି। ଛାତରୁ ପଡ଼ି ଜଣେ ଶ୍ରମିକ ପ୍ରାଣ ହରାଇଛନ୍ତି। ମୃତକ ହେଲେ ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଧଳପୁର ଗାଁର ବିବସ୍ତି ନାୟକ। ବିବସ୍ତି ସାମନ୍ତରାପୁର ମହାବୀର ନଗରରେ ରହିବା ସହିତ ଶ୍ରମିକ ଭାବେ କାମ କରୁଥିଲେ। ସେ ରହୁଥିବା ଘରର ଛାତରେ କାମ କରୁଥିବା ବେଳେ ତଳକୁ ପଡ଼ି ଯାଇଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହେବା ସହିତ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଅ ଲିଜୁନ ନାୟକଙ୍କ ଅଭିଯୋଗ ଆଧାରରେ ଲିଙ୍ଗରାଜ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। କ୍ୟାପିଟାଲ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# 'ସେଲ୍‌ଫ ଡ୍ରାଇଭ୍'ରେ ଗାଡ଼ି ଦେଉଥିଲେ ସାବଧାନ

- ଅପରାଧରେ ହେଉଛି ବ୍ୟବହାର
- ଭଡ଼ା ଲୋଭରେ କାର୍ ହରାଉଛନ୍ତି ମାଲିକ



**ଭୁବନେଶ୍ୱର, ୫।୧(ସମିସ):** ଆପଣ ସେଲ୍‌ଫ ଡ୍ରାଇଭିଂ ବା ବିନା ଚାଳକରେ ଗାଡ଼ି ଭଡ଼ା ଦେଉଛନ୍ତି କି! ତେବେ ହୋଇଯାଆନ୍ତୁ ସାବଧାନ। କାରଣ କୌଣସି ମୁହୂର୍ତ୍ତରେ ଆପଣଙ୍କ ଗାଡ଼ି ଚୋରି ହୋଇପାରେ। ଗାଡ଼ି ଭଡ଼ା ନେବା ଆଳରେ ଆପଣଙ୍କ ଗାଡ଼ି ଲୁଟି ନେଇପାରନ୍ତି ଗ୍ରାହକ ହୋଇ ଆସିଥିବା ଲୁଟେରା। ବର୍ତ୍ତମାନ ବାଇକ୍‌ଠୁ ଆରମ୍ଭ କରି କାର୍ ଭଳି ଗାଡ଼ିଗୁଡ଼ିକୁ ଏବେ ଯାତ୍ରୀ ପରିବହନ ବ୍ୟବସାୟରେ ଅର୍ଥାତ୍ ସେଲ୍‌ଫଫ ଡ୍ରାଇଭିଂରେ ନିୟୋଜିତ କରାଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କମ୍ ନିବେଶରେ ଓ ବିନା ଚାଳକରେ ଏହି ବ୍ୟବସାୟରୁ ଅଧିକ ଟଙ୍କା ଉପାର୍ଜନ ହେଉଛି। ତେଣୁ ରାଜଧାନୀରେ ଏହି ବ୍ୟବସାୟ ଖୁବ୍ ବ୍ୟାପକ ହେବାରେ ଲାଗିଛି। ଆଉ ଏହାକୁ ଟାର୍ଗେଟ୍ କରି ବର୍ତ୍ତମାନ ଛଦ୍ମବେଶୀ ଗ୍ରାହକ ତଥା ଅସାମାଜିକ ତତ୍ତ୍ୱ ଅପରାଧ ପାଇଁ ସେଲ୍‌ଫଫ ଡ୍ରାଇଭିଂକୁ ଢାଲ କରିଛନ୍ତି। କାର୍ ମାଲିକଙ୍କୁ ସେଲ୍‌ଫଫ ଡ୍ରାଇଭ୍‌ରେ ଗାଡ଼ି ଦେଲେ ଅଧିକ ଭଡ଼ା ଦେବାର ଲୋଭ ଦେଖାଉଛନ୍ତି। ପରେ ନକଲି ଆଧାର କାର୍ଡ ଦାଖଲ କରି କାର୍ ନେଉଛନ୍ତି। ଆଉ ଗାଡ଼ି ନେବା ପରେ କେଉଁଠି ବନ୍ଧୁକ ଦେଖାଇ ଲୁଟପାଟ୍ କରୁଛନ୍ତି, କେଉଁଠି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଟଙ୍କା କାରବାରକୁ ନେଇ ଅପହରଣ କରାଯାଉଛି ତ ଆଉ କୋଉଠି ଗାଡ଼ି ନେଇ ରାଜ୍ୟ ବାହାରେ ନମ୍ବର ପ୍ଲେଟ ବଦଳାଇ ବିକ୍ରି କରି ଦିଆଯାଉଛି। ମୋଟାମୋଟି କହିବାକୁ ଗଲେ ସେଲ୍‌ଫଫ ଡ୍ରାଇଭ୍ ଆଳରେ ଅପରାଧ ରଚିବା ବର୍ତ୍ତମାନ ଅପରାଧୀଙ୍କ ପାଇଁ ଏକ ସୁବିଧା ଉପାୟ ପାଲଟିଛି। କାର ଲୁଟ୍‌ର ଏହି ନୂଆ ଧାରା ଏବେ ଗାଡ଼ି ମାଲିକଙ୍କ ଠାରୁ ଆରମ୍ଭ କରି ଟ୍ରାଭେଲ ଏଜେନ୍ସି ମାଲିକ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଅଡୁଆ ସୃଷ୍ଟି କରିଛି। ସେପଟେ ଏହି ଅପରାଧକୁ ରୋକିବା କମିସନରେଟ ପୁଲିସ ପାଇଁ ବଡ଼ ଆହ୍ୱାନ ପାଲଟିଛି।

ସୂଚନା ଅନୁସାରେ, ଗତ ନଭେମ୍ବର ୩ ତାରିଖ ଦିନ ରାହୁଲ ଓ ପ୍ରୀତମ୍ ନାମକ ଦୁଇ ବଙ୍ଗୀୟ ଶ୍ୟାମପୁର ଛକରେ ଥିବା ସେଲ୍‌ଫଫ ଡ୍ରାଇଭ୍ ଜୋନ୍‌ରୁ କଲିକତା ଯିବା ଲାଗି ଦୁଇଟି କାର୍ ଭଡ଼ାରେ ନେଇଥିଲେ। ଭଡ଼ା ନେବାର ୩ ଦିନ ପରେ ସେଲ୍‌ଫଫ ଡ୍ରାଇଭ୍ ଜୋନର ମାଲିକ ଦୀପକ ସେମାନଙ୍କୁ ଯୋଗାଯୋଗ କରିବାରୁ ସେମାନଙ୍କ ଫୋନ୍ ସୁଇଚଡ୍ ଅଫ୍ ଥିଲା। ଦୀପକ ଅଭିଯୋଗ କରିବା ପରେ ଭରତପୁର ଥାନା ପୁଲିସ ତନାଘନା କରିଥିଲା। ରାହୁଲ ଓ ପ୍ରୀତମ୍ ଦୁଇଟି କାର ଭଡ଼ାରେ ନେଇ ମଣିପୁରର ରଣବୀର ସିଂହ ଓ ସନ୍ତୋଷ ସିଂହକୁ ବିକ୍ରି କରି ଦେଇଥିବା ଜାଣିବାକୁ ପାଇଥିଲା ପୁଲିସ। ରଣବୀର ଓ ସନ୍ତୋଷକୁ ଗିରଫ କରିବା ସହିତ ତାଙ୍କ ଠାରୁ ଗୋଟିଏ କାର୍ ଜବତ କରିଥିଲା।

## କାମ ଦେଉନି ଜିପିଏସ୍

ଗାଡ଼ି ମାଲିକମାନେ ଲୋକେସନ ଜାଣିବା ଲାଗି ଗାଡ଼ିରେ ଜିପିଏସ୍ (ଗ୍ଲୋବାଲ ପୋଜିସନିଂ ସିଷ୍ଟମ) ଲଗାଉଛନ୍ତି। ନିଜ ମୋବାଇଲ ଫୋନ୍‌ରେ ଆପ୍ଲିକେସନ୍ ଇନଷ୍ଟାଲ କରି ସହଜରେ ଗାଡ଼ିର ଅବସ୍ଥିତି ବିଷୟରେ ସବିଶେଷ ସୂଚନା ପାଉଛନ୍ତି। କାର ଗୁଡ଼ିକର ବ୍ୟାଟେରୀ ପାଖରେ ଓ ଷ୍ଟିଅରିଂ ବାକ୍ସ ତଳେ ଜିପିଏସ୍ ମେସିନ ଲଗାଯାଉଛି। ଏତେ ବ୍ୟବସ୍ଥା ପରେ ମଧ ଚକ୍‌ମା ଦେଉଛନ୍ତି ଲୁଟେରା। ଚୋରି ବା ଅପରାଧରେ ବ୍ୟବହାର କରିବା ପୂର୍ବରୁ ଜିପିଏସ୍ ମେସିନରୁ ସଂଯୋଗ ବିଚ୍ଛିନ୍ନ କରିବା ପରେ ତାକୁ ଫୋପାଡ଼ି ଦେଉଛନ୍ତି। ଫଳରେ କାର ମାଲିକ ବା ଟ୍ରାଭେଲ ଏଜେନ୍ସି ମାଲିକମାନେ ଗାଡ଼ିର ସ୍ଥିତି ବିଷୟରେ ସୂଚନା ପାଇ ପାରୁନାହାନ୍ତି। ରାହୁଲ ଓ ପ୍ରୀତମ୍ ଶ୍ୟାମପୁରସ୍ଥିତ ସେଲଫ୍ ଡ୍ରାଇଭ୍ ଜୋନ୍‌ରୁ କାର ଭଡ଼ାରେ ନେବାପରେ ତାର ଜିପିଏସ୍ ବାହାର କରି ଦେଇଥିଲେ। ଫଳରେ ଟ୍ରାଭେଲ୍ ଏଜେନ୍ସି ମାଲିକ ଆଉ କାର୍‌କୁ ଟ୍ରାକ୍ କରିପାରି ନଥିଲେ।

## ଢାଲ ସାଜିଛି ନକଲି ଆଧାର କାର୍ଡ

ବର୍ତ୍ତମାନ ବେସରକାରୀ ଠାରୁ ଆରମ୍ଭ କରି ସରକାରୀ କାମ ଯାଏଁ ସବୁ କ୍ଷେତ୍ରରେ ଆଧାର କାର୍ଡ ଆବଶ୍ୟକତା ରହିଛି। ଆଧାର କାର୍ଡ ଦ୍ୱାରା ସମସ୍ତ କାମରେ ସ୍ୱଚ୍ଛତା ରହିବା ସହିତ ସହଜ ସୁବିଧାରେ ହୋଇପାରୁଛି। ଆଧାର ନମ୍ବର ଦ୍ୱାରା ସମ୍ପୃକ୍ତ ବ୍ୟକ୍ତିଙ୍କ ବ୍ୟକ୍ତିଗତ ତଥ୍ୟ ମିଳିପାରୁଛି। ହେଲେ ଅପରାଧ ପରେ ଖସିବା ପାଇଁ ନକଲି ଆଧାର କାର୍ଡକୁ ଢାଲ କରିଛନ୍ତି ଅପରାଧୀ। ନିଜ ଫଟୋ ଲଗାଇ ନକଲି ଆଧାର କାର୍ଡ ତିଆରି କରୁଛନ୍ତି। ସେମାନେ ଦେଉଥିବା ଆଧାର କାର୍ଡରେ କେବଳ ଫଟୋକୁ ବାଦ୍ ଦେଲେ ବାକି ସମସ୍ତ ତଥ୍ୟ ଅନ୍ୟ ବ୍ୟକ୍ତିଙ୍କର ରହୁଛି। ଫଳରେ ସେମାନଙ୍କୁ ଠାବ କରିବା ପୁଲିସ ପାଇଁ କାଠିକର ପାଠ ହୋଇଯାଉଛି। ଶ୍ୟାମପୁର ସେଲ୍‌ଫଫ ଡ୍ରାଇଭ୍ ଜୋନ୍‌ରୁ ରାହୁଲ ଓ ପ୍ରୀତମ୍ କାର ଭଡ଼ାରେ ନେବାବେଳେ ଆଧାର କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଓ ମୋବାଇଲ ନମ୍ବର ଦେଇଥିଲେ। ହେଲେ ସେଗୁଡ଼ିକ ନକଲି ବୋଲି ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଥିଲା। ଆଧାର କାର୍ଡ ଓ ଡ୍ରାଇଭିଂ ଲାଇସେନ୍ସରେ ଦିଆଯାଇଥିବା ଠିକଣାରେ ଅନ୍ୟ ବ୍ୟକ୍ତିଙ୍କୁ ପାଇଥିଲା ପୁଲିସ। ଦିଆଯାଇଥିବା ମୋବାଇଲ ନମ୍ବର ମଧ ଅନ୍ୟ ବ୍ୟକ୍ତିଙ୍କ ନାମରେ ଥିବା ଜଣାପଡ଼ିଥିଲା।



# ଭୁବନେଶ୍ୱର ସିଟି

# ଅଧିକାଂଶ ୱାଟର୍ ଏଟିଏମ୍ ଅଚଳ

**ଭୁବନେଶ୍ୱର, ୫ ।୧(ସମିସ):** ସହର ଭିତରେ ଲୋକଙ୍କୁ ସ୍ୱଳ୍ପ ଅର୍ଥରେ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ବିଏମ୍‌ସି ପକ୍ଷରୁ ୱାଟର୍ ଏଟିଏମ୍ ଲଗାଯାଇଥିଲା। ସହରର ଜନଗହଳିପୂର୍ଣ୍ଣ ୪୦ଟି ସ୍ଥାନ ଚିହ୍ନଟ କରାଯାଇ ଲୋକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ୱାଟର୍ ଏଟିଏମ୍ ପ୍ରତିଷ୍ଠା କରାଯାଇଥିଲା। ତେବେ ଦେଖିବାକୁ ମିଳୁଛି ଏବେ ଅଧାରୁ ଅଧିକ ମେସିନ୍ ଆବଶ୍ୟକ ରକ୍ଷଣାବେଣା ଅଭାବରୁ ଭାଙ୍ଗିରୁଜି ଗଲାଣି। କିଛି ସ୍ଥାନରେ ମେସିନ୍ ସ୍ଥାପନ ପାଇଁ ପ୍ରାୟ ୪ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ପ୍ରତି ମେସିନ୍‌କୁ ସ୍ଥାୟୀ ବିଦ୍ୟୁତ୍ ସଂଯୋଗ ହୋଇପାରିନଥିବାରୁ ସୋଲାର୍ ପାୱାର ଦ୍ୱାରା ବିଦ୍ୟୁତ୍ ଯୋଗାଇ ଦିଆଯାଇଥିଲା। ୨୪ ଘଣ୍ଟିଆ କାମ କରିବାକୁ ଥିବା ମେସିନ୍‌ରୁ ଦୈନିକ ପ୍ରାୟ ୫ ଲକ୍ଷ ଲିଟର ଜଳ ମିଳିବା ବ୍ୟବସ୍ଥା ଥିଲା। ପ୍ରଥମେ ଲୋକେ କଏନ୍ ପକାଇ ଏହି ଏଟିଏମ୍‌ରୁ ଜଳ ସଂଗ୍ରହ କରୁଥିଲେ। ପରେ କାର୍ଡ ବ୍ୟବସ୍ଥା କରାଗଲା ଓ ଲୋକେ କାର୍ଡ ସ୍ୱାଇପ୍ କରି ଏଥିରୁ ଜଳ ସଂଗ୍ରହ

- ଶୁଦ୍ଧ ପାଣି ପାଉନାହାନ୍ତି ପଥଚାରୀ
- ୪୦ରୁ ୪ଟା ବି କାର୍ଯ୍ୟକ୍ଷମ ନାହିଁ




ଲୋକ ବ୍ୟବହାର ନ କରିବାରୁ ସ୍ୱତଃ ଅଚଳ ହୋଇପଡ଼ିଛି। ବିଏମ୍‌ସି କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତି ଯୋଗୁଁ କୋଟି କୋଟି ଟଙ୍କା ବ୍ୟୟରେ ସ୍ଥାପନ କରାଯାଇଥିବା ଏହି ଲୋକାଭିମୁଖୀ ଯୋଜନା ଆଜି ଲୋକଙ୍କ ବ୍ୟବହାରରେ ଆସୁନାହିଁ।

ସୂଚନା ଅନୁସାରେ, ୨୦୧୪ ମସିହାରେ ବିଏମ୍‌ସି ପକ୍ଷରୁ ଏହି ୱାଟର୍ ଏଟିଏମ୍ ଲଗାଇବା ପାଇଁ ଯୋଜନା ହୋଇଥିଲା। ଏକ ଘରୋଇ ସଂସ୍ଥା ଓ ବିଏମ୍‌ସି ମିଳିତଭାବେ ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଚୁକ୍ତି କରିଥିଲେ। ୨୦୧୬ ମସିହାରେ ପ୍ରଥମେ ଏହି ସେବା ଆରମ୍ଭ ହୋଇଥିଲା। ପର୍ଯ୍ୟାୟକ୍ରମେ ସହରର ଜନଗହଳିପୂର୍ଣ୍ଣ ସ୍ଥାନରେ ୪୦ଟି ୱାଟର୍ ଏଟିମ୍ ଲଗାଯାଇଥିଲା। ସହରବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଏହି ଯୋଜନାର ମୂଳ ଲକ୍ଷ୍ୟ ଥିଲା। ୪୦ଟି କଲେ। ମାତ୍ର କିଛି ଦିନ ପରେ କାର୍ଡ କାମ କଲାନାହିଁ। ତେବେ ବିଏମ୍‌ସି ମାଗଣା ଜଳ ଯୋଗାଇବାକୁ ଘୋଷଣା କଲା ଓ ଲୋକେ ମାଗଣାରେ ପିଇବା ପାଣି ସଂଗ୍ରହ କଲେ।

ସମୟକ୍ରମେ ଏହି ଏଟିଏମ୍ ମେସିନ୍ ଗୋଟିକ ପରେ ଗୋଟିଏ ଅଚଳ ହୋଇଗଲା। ସୋଲାର୍ ପାୱାର ବ୍ୟବସ୍ଥାରେ ତ୍ରୁଟି ଯୋଗୁଁ କିଛି ମେସିନ୍ କାମ କଲା ନାହିଁ। ସେହିଭଳି ବିଏମ୍‌ସି କର୍ମଚାରୀମାନେ କିଛି ମେସିନ୍‌ରେ ନିୟମିତ ଜଳ ଭର୍ତ୍ତି କଲେନାହିଁ। ତେଣୁ ଲୋକେ ପାଣି ପାଇଁ ଆସି ନିରାଶ ହୋଇ ଫେରିଲେ। ପରିତାପର କଥା ହେଲା ବିଏମ୍‌ସି କର୍ତ୍ତୃପକ୍ଷଙ୍କ ସାମାନ୍ୟ ଅବହେଳାରୁ ଏତେ ସୁନ୍ଦର ଯୋଜନାଟି ଅକାମୀ ହୋଇଗଲା। ବ୍ୟସ୍ତବହୁଳ ସ୍ଥାନରେ ଲୋକେ ପିଇବା ପାଣି ବୋତଲ ପାଇଁ ୨୦ରୁ ୩୦ ଟଙ୍କା ଗଣୁଛନ୍ତି। ଗରିବ ଲୋକେ ଦୋକାନରୁ ମାଗି ଅଶୁଦ୍ଧ ଜଳ ପିଇବାକୁ ବାଧ ହେଉଛନ୍ତି କିମ୍ବା ବଜାରରେ ମିଳୁଥିବା ନକଲି କମ୍ପାନି ପ୍ରସ୍ତୁତ ନିମ୍ନମାନର ଜଳ କିଣୁଛନ୍ତି। କିନ୍ତୁ ଏହି ଏଟିଏମ୍‌ରୁ ମାତ୍ର ୩୦ ପଇସାରେ ଲୋକେ ଏକ ଲିଟର ବିଶୁଦ୍ଧ ଜଳ ପାଉଥିଲେ। ଲିଙ୍ଗରାଜ ମନ୍ଦିର ପାର୍କିଂ ସ୍ଥଳରେ ଲାଗିଥିବା ୱାଟର ଏଟିଏମ୍ ଅଚଳ ହୋଇପଡ଼ିଛି। ଦୀର୍ଘ ଦିନ ଅଚଳ ଅବସ୍ଥାରେ ଥିଲେ ହେଁ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନି। ସେହିଭଳି ସହରର ଅନ୍ୟ ସ୍ଥାନରେ ବି ସମାନ ଅବସ୍ଥା। ଲିଙ୍ଗରାଜ ମନ୍ଦିରକୁ ଆସୁଥିବା ହଜାର ହଜାର ପର୍ଯ୍ୟଟକ ପାର୍କିଂରେ ଗାଡ଼ି ରଖିବା ପରେ ପାଣି ଟୋପେ ପିଇବାକୁ ପାଉନାହାନ୍ତି। ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ ଶ୍ୟାମ ସୁନ୍ଦର ମହାନ୍ତିଙ୍କ କହିବାନୁସାରେ, ଏହି ୱାଟର୍ ଏଟିଏମ୍ କାର୍ଯ୍ୟକ୍ଷମ ଥିବା ସମୟରେ ପର୍ଯ୍ୟଟକମାନଙ୍କୁ ନେଇ ଆସୁଥିବା ଗାଡ଼ି ଚାଳକମାନେ ଏଠି ବୋତଲ ବୋତଲ ପାଣି ବୋହି ପିଉଥିଲେ। ଆମେ ଦୋକାନୀମାନେ ମଧ୍ୟ ଶୁଦ୍ଧ ପାଣି ଟୋପେ ପାଉଥିଲୁ। ହେଲେ ମାସ ମାସ ଧରି ଅଚଳ ହୋଇ ପଡ଼ିଥିଲେ ବି କାହା ଆଖି ପଡୁନି। ଏ ନେଇ ବିଏମ୍‌ସିର ସିଟି ଇଞ୍ଜିନିୟର ବିଳାସ କୁମାର ବେହେରା କହିଛନ୍ତି। କେଉଁ କେଉଁ ସ୍ଥାନରେ ଖରାପ ହୋଇଛି, ସେ ବିଷୟରେ ଅନୁଧ୍ୟାନ କରି ସଜାଡ଼ି ଦିଆଯିବ।

# ପ୍ରଣବ ସଙ୍ଗୀତରେ ଭିଜିଲା 'ପ୍ରଣବାଶିଷ'

**ଭୁବନେଶ୍ୱର, ୫।୧(ସମିସ):** ପ୍ରଣବ କିଶୋର ପଟ୍ଟନାୟକଙ୍କ ଜୟନ୍ତୀର ଅବ୍ୟବହିତ ପୂର୍ବରୁ ଗୀତଗୋବିନ୍ଦ ସଦନ ଠାରେ ସମ୍ଭାବନା ପକ୍ଷରୁ ପ୍ରଣବ ସଙ୍ଗୀତର ପ୍ରତିଯୋଗିତା ଓ ଗାୟନ 'ପ୍ରଣବାଶିଷ' ଅନୁଷ୍ଠିତ ହୋଇଯାଇଛି। ସମ୍ଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ର, ଉତ୍କଳ ପେଟ୍ରୋଲିୟମ୍ ବ୍ୟବସାୟୀ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଲାଠ୍, ନିମ୍ନ ମାଧ୍ୟମିକ ଶିକ୍ଷକର ରାଜ୍ୟ ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା, ପ୍ରଣବ କିଶୋର ପଟ୍ଟନାୟକଙ୍କ ସହଧର୍ମିଣୀ କସ୍ତୁରିକା ପଟ୍ଟନାୟକ, ୨୦୨୪ର ଶ୍ରେଷ୍ଠ ଓଡ଼ିଆଣୀ ସୌଭାଗ୍ୟଲକ୍ଷ୍ମୀ ମହାନ୍ତି ଯୋଗଦେଇଥିଲେ । ସମ୍ପାଦକ ଦେବ ପ୍ରସାଦ ପରିଜା ପ୍ରତିଯୋଗିତାର ପୃଷ୍ଠଭୂମି ସମ୍ପର୍କରେ କହିଥିବା ବେଳେ ପରିଚାଳନା କରିଥିଲେ ତ୍ରଷ୍ଟି ସ୍ମୃତି ମହାନ୍ତି, ମୀନାକ୍ଷୀ ପଟ୍ଟନାୟକ, ରଶ୍ମିତା ରଥ ଓ ପ୍ରଫୁଲ୍ଲ ଦେ। ଶତାଧିକ ପ୍ରତିଯୋଗୀ ପ୍ରଣବ ସଙ୍ଗୀତ ଗାଇଥିଲେ। ବିଚାରକ ଭାବେ ଯୋଗ ଦେଇଥିବା ବିଶିଷ୍ଟ ସଙ୍ଗୀତ ଶିଳ୍ପୀ କେଶବ ଚନ୍ଦ୍ର ରାଉତ, ପ୍ରଦୀପ କୁମାର ଦାସ ଓ ହରପ୍ରିୟା ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୧୯ ତାରିଖ ସନ୍ଧ୍ୟାରେ ଆୟୋଜିତ ହେବାକୁ ଥିବା ପ୍ରଣବ ଜୟନ୍ତୀ ଓ ସଙ୍ଗୀତର କାର୍ଯ୍ୟକ୍ରମ, ପ୍ରଣବ ପ୍ରଣାମ ଅବସରରେ ଜୟଦେବ ଭବନ ଠାରେ ସମ୍ବର୍ଦ୍ଧିତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ଘୋଷଣା କରାଯାଇଥିଲା।

## 'ବିଏସ୍‌କେୱାଇ'ରେ ବ୍ୟୟବହୁଳ ଅସ୍ତ୍ରୋପଚାର

# ସମ୍‌ରେ ନବଜୀବନ ପାଇଲେ ନବଜାତକ


ଡାକ୍ତରଙ୍କୁ କୃତଜ୍ଞତା ଜଣାଇଲେ ପରିବାର ଲୋକେ

**ଭୁବନେଶ୍ୱର, ୫ ।୧(ସମିସ):** ଜଣେ ନବଜାତ ଶିଶୁର ଶରୀରର ନିମ୍ନ ଭାଗରେ ଯୋଡ଼ି ହୋଇ ରହିଥିବା ମୁଣ୍ଡ ଆକୃତିର ଟ୍ୟୁମରକୁ ସଫଳ ଅସ୍ତ୍ରୋପଚାର ମାଧ୍ୟମରେ ଅଲଗା କରି ଶିଶୁକୁ ନୂଆ ଜୀବନ ଦେଇଛନ୍ତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲର ସର୍ଜନ୍। ଖୋର୍ଦ୍ଧା ଅଞ୍ଚଳର ଜନୈକ ଦମ୍ପତିଙ୍କର ଶିଶୁ ପୁତ୍ର ଜନ୍ମ ହେବା ସମୟରେ ତା'ର ମଳଦ୍ୱାର ନିକଟରେ ଏକ ମୁଣ୍ଡ ଆକୃତିର ଟ୍ୟୁମର ଯୋଡ଼ି ହୋଇ ରହିଥିଲା। ଯେଉଥିରେ ଚର୍ମ, କାନ ଓ କେଶ ମଧ୍ୟ ଲାଗି ରହିଥିବା ଦେଖିବାକୁ ମିଳିଥିଲା। ଏଭଳି ଅବସ୍ଥା ଦେଖି ଶିଶୁପୁତ୍ରର ପରିବାର ତାକୁ ସମ୍ ହସ୍ପିଟାଲ୍‌ରେ ଭର୍ତି କରିଥିଲେ। ପରୀକ୍ଷା ନିରୀକ୍ଷା ପରେ ଶିଶୁଶଲ୍ୟ ବିଭାଗର ନ୍ୟୁରୋ ସର୍ଜନ୍ ପ୍ରଫେସର ଅଶୋକ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଶିଶୁଟିର ଅସ୍ତ୍ରୋପଚାର କରାଯାଇଥିଲା। ଏହା ଏକ ବିରଳ ଅସ୍ତ୍ରୋପଚାର ଓ ଏଭଳି ସମସ୍ୟାକୁ ଡାକ୍ତରୀ ଭାଷାରେ ଜାଏଣ୍ଟ ସାକ୍ରୋକକିଜିଏଲ୍ ଟେରାଟୋମା କୁହାଯାଏ ବୋଲି ପ୍ରଫେସର ମହାପାତ୍ର କହିଛନ୍ତି। ଏହା ଏକ ଜନ୍ମଗତ ତ୍ରୁଟି। ମା ଗର୍ଭବତୀ ହେବାର ୧୫ ରୁ ୩୦ ଦିନ ମଧ୍ୟରେ ଶିଶୁର ଶରୀରରେ ପ୍ରଥମେ ଏକ ଟ୍ୟୁବ୍ ଆକାରର ମେରୁଦଣ୍ଡ ସୃଷ୍ଟି ହୋଇଥାଏ ଯାହାକୁ ନ୍ୟୁରାଲ ଟ୍ୟୁବ କୁହାଯାଏ। ଏହି ନ୍ୟୁରାଲ ଟ୍ୟୁବ୍‌ରେ ଯଦି ମସ୍ତିଷ୍କ, ମାଂସପେଶୀ ଓ ହାଡର ଟିସ୍ୟୁ ଏକାଠି ହୋଇଯାଏ ଏଭଳି ସମସ୍ୟା ସୃଷ୍ଟି ହୋଇଥାଏ ବୋଲି ବୋଲି ପ୍ରଫେସର ମହାପାତ୍ର କହିଛନ୍ତି। ତେବେ ଏହି ଶିଶୁଟିର ଟ୍ୟୁମରର ଆକାର ୩୫ ସେମି ଓ ଓଜନ ୧କେଜି ଥିବା ବେଳେ ଅପରେସନ୍ ପାଇଁ ୩ଘଣ୍ଟା ଲାଗିଥିଲା। ତେବେ ବିଏସ୍‌କେୱାଇ ଯୋଜନା ମାଧ୍ୟମରେ ଏହି ବ୍ୟୟବହୁଳ ଅସ୍ତ୍ରୋପଚାର କରାଯାଇଥିବାବେଳେ ଶିଶୁଟିର ପରିବାର ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# 'ମନନ'ର ତୃତୀୟ ସନ୍ଧ୍ୟାରେ 'ଶୁକ ଶାରୀ କଥା'

**ଭୁବନେଶ୍ୱର, ୫ ।୧(ସମିସ):** ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଥିଲା ନାଟକ 'ଶୁକ ଶାରୀ କଥା'। ନାଟକରେ ଜୋସେଫ, ଲକି, ସରିତା, ସୂର୍ଯ୍ୟ ଓ ରବି ଅଭିନୟ କରିଥିଲେ। ନାଟକ ରଚନା କାର୍ତ୍ତିକ ଚନ୍ଦ୍ର ରଥ, ପରିକଳ୍ପନା ଓ ନିର୍ଦ୍ଦେଶନା ଦେଇଥିଲେ ଦେବାନନ୍ଦ ନାୟକ। 'ମନନ' ନାଟ୍ୟସଂସ୍ଥାର ୪୫ ତମ ଜନ୍ମବାର୍ଷିକୀ ନାଟକ ମହୋତ୍ସବର ତୃତୀୟ ସଂଧ୍ୟାରେ ଅତିଥି ଭାବେ ଓଡ଼ିଶା ସାଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ, ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଓ ଅଭିନେତା ପ୍ରସନ୍ନ ମିଶ୍ର, ସାମ୍ବାଦିକ ଅଶୋକ ପାଳିତ ପ୍ରମୁଖ ଯୋଗଦେଇ ନାଟକର ଉତଥାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସାମ୍ବାଦିକ ସୋମନାଥ ପରିଡ଼ା, ଫଟୋ ସାମ୍ବାଦିକ ପ୍ରକାଶ ସାହୁ ଓ ନାଟ୍ୟକାର ମନୋଜ ପଣ୍ଡାଙ୍କୁ 'ମନନ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ମନୋଜ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ନିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।


ଶିକ୍ଷାନବୀଶ ଆଇପିଏସ୍ ଅଧିକାରୀମାନେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରୁଛନ୍ତି

# ଆଜିଠୁ ଝଲସିବ ରାଜଭବନ ଉଦ୍ୟାନ

- ମୋବାଇଲ ଆପ୍‌ରେ ପ୍ରବେଶ ଅନୁମତି ପାଇଁ ପଞ୍ଜୀକରଣ
- ସକାଳ ସମୟରେ ବୁଲିବେ ସ୍କୁଲ ଛାତ୍ରଛାତ୍ରୀ

**ଭୁବନେଶ୍ୱର, ୫ ।୧(ସମିସ):** ଶନିବାର ଠାରୁ ଝଲସିବ ରାଜଭବନ ଉଦ୍ୟାନ। ଜାନୁଆରୀ ୬ ରୁ ୨୦ ତାରିଖ ଯାଏଁ ୧୪ ଦିନ ଧରି ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଅପରାହ୍ଣ ୨ଟା ୩୦ରୁ ୫ଟା ପର୍ଯ୍ୟନ୍ତ ଖୋଲା ରହିବ। ରଙ୍ଗିନ ଫୁଲର ସମ୍ଭାରରେ ଝଲସିବ ରାଜଭବନ ଉଦ୍ୟାନ। ଲାଲ୍ ଗୋଲାପରୁ ଆରମ୍ଭ କରି ବିଭିନ୍ନ ଫୁଲର ଆସର ଜମିବ ଉଦ୍ୟାନରେ। ଦର୍ଶକଙ୍କୁ ଆକର୍ଷିତ କରିବ ୫୦୦ରୁ ଊର୍ଦ୍ଧ୍ୱ କିସମର ଭଳିକି ଭଳି ଫୁଲର ସମ୍ଭାର। ୱାଟର୍ ଫାଉଣ୍ଟେନ, ମ୍ୟୁଜିକାଲ ଫାଉଣ୍ଟେନ, ଗୋଲାପ ଉଦ୍ୟାନ, ହରିଣ ପାର୍କ, ମୟୂର ଏବଂ ସର୍ବୋପରି ଉଦ୍ୟାନର ସବୁଜିମା ପରିଦର୍ଶକମାନଙ୍କୁ ବିଶେଷ ଭାବରେ ଆକର୍ଷଣ କରିବ। ବିଭିନ୍ନ କିସମର ଗୋଲାପ ସାଙ୍ଗକୁ ସାଲ୍‌ଭିଆ, ଡାଲିଆ, ସେବତି, ଅର୍କିଡ୍ ହାଉସ୍ ଓ କାକ୍‌ଟସ୍ ହାଉସ୍, ମ୍ୟୁଜିକ୍ ଫାଉଣ୍ଟେନର ଗୁଣୁଗୁଣୁ ଶବ୍ଦ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ। ଉଦ୍ୟାନରେ ପୁଷ୍ପ ପ୍ରଦର୍ଶନୀ ଦେଖିବା ପାଇଁ ସ୍କୁଲ କଲେଜର ପିଲାଙ୍କଠାରୁ ଆରମ୍ଭ କରି ଲୋକମାନେ ପରିବାର ସହ ଆସିବେ। ଏଥିପାଇଁ ରାଜଭବନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଫୁଲ ସହ ବିଭିନ୍ନ ଔଷଧୀୟ ଗଛ ସମ୍ପର୍କରେ ତଥ୍ୟ ପାଇବାର ସୁଯୋଗ ମିଳିବ। ତେବେ କେବଳ ମୋବାଇଲ୍ ଆପ୍ ପଞ୍ଜୀକରଣ ମାଧ୍ୟମରେ ପ୍ରବେଶ ଅନୁମତି ରହିବ। ଏଥିପାଇଁ ମୋବାଇଲ ପ୍ଲେଷ୍ଟୋର କିମ୍ବା ଆପ୍ ଷ୍ଟୋରରୁ 'ଉଦ୍ୟାନ ପରିଦର୍ଶନ, ରାଜଭବନ, ଓଡ଼ିଶା ମୋବଇଲ ଆପ୍' ଡାଉନ୍‌ଲୋଡ୍ କରିବାକୁ ହେବ। ଓଡ଼ିଶା ରାଜଭବନ ୱେବସାଇଟ୍‌ରେ ଉପଲବ୍ଧ ଥିବା କ୍ୟୁଆର କୋଡ୍ ମାଧ୍ୟମରେ ମୋବାଇଲ ଆପ୍ ମଧ୍ୟ ଡାଉନ୍‌ଲୋଡ୍ କରାଯାଇପାରିବ। ତେବେ ସ୍କୁଲ ଛାତ୍ରଛାତ୍ରୀଙ୍କ ନିମନ୍ତେ ସକାଳ ସମୟ ସ୍ଥିର ହୋଇଥିବା ରାଜଭବନ ପକ୍ଷରୁ ସୂଚନା ଦିଆଯାଇଛି।

# ଯେଉଁଠି ଅଟକିବ ସେଇଠି ଘର...

**ଭୁବନେଶ୍ୱର, ୫ ।୧(ସମିସ):**

ବର୍ତ୍ତମାନ ଚାଲିଛି ପର୍ଯ୍ୟଟନ ଋତୁ। ନଭେମ୍ବର ମାସରୁ ଆରମ୍ଭ କରି ଫେବୃଆରୀ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟଟନସ୍ଥଳରେ ଜମିବ ଭିଡ଼। ଓଡ଼ିଶା ହେଉଛି ପର୍ଯ୍ୟଟନସ୍ଥଳର ଗନ୍ତାଘର। ସୁଦୀର୍ଘ ବେଳାଭୂମି ସାଙ୍ଗକୁ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରି ରହିଛି ଚାରିଦିଗ। କିଏ ପରିବାର ସହିତ ଯାଉଛନ୍ତି ତ ଆଉ କେହି ସାଙ୍ଗସାଥୀଙ୍କ ସହ ଓଡ଼ିଶା ଭ୍ରମଣ କରିବାର ମଜା ନେଉଛନ୍ତି। ରାଜ୍ୟର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଅନେକ ଅତି ନିକଟରୁ ଉପଭୋଗ

- ପର୍ଯ୍ୟଟକଙ୍କ ପାଇଁ ମନୋଜଙ୍କ 'ରୁମ୍ ଅନ୍ ହ୍ୱିଲ୍'
- ଭ୍ୟାନ୍‌ରେ ରହିଛି ଷ୍ଟାର୍ ହୋଟେଲର ସୁବିଧା

କରିବାର ସୁଯୋଗ ପାଉଥିବା ବେଳେ ସମସ୍ତଙ୍କୁ ଏହି ସୁଯୋଗ ମିଳିନଥାଏ। ବିଶେଷକରି ମନ ପସନ୍ଦ ସ୍ଥାନକୁ ବୁଲିବାକୁ ଯାଇଥିବା ସମୟରେ ମନେହୁଏ ଏହି ସ୍ଥାନରେ ଘରଟିଏ ଥାନ୍ତା କି? କିନ୍ତୁ ତାହା କେବଳ ମନର ଭାବନାରେ ସୀମିତ ହୋଇ ରହିଯାଏ। ରହିବାକୁ ପର୍ଯ୍ୟାପ୍ତ ସୁବିଧା ଉପଲବ୍ଧ ନଥିବାରୁ ଅସୁବିଧାରେ ପଡ଼ନ୍ତି। କିନ୍ତୁ ଏହି ସମସ୍ୟା ଓ ପର୍ଯ୍ୟଟକଙ୍କ ଭାବନାକୁ ବାସ୍ତବତାରେ ପରିଣତ କରିବାକୁ ଉଦ୍ୟମ କରିଛନ୍ତି ମନୋଜ ସ୍ୱାଇଁ। ତାଙ୍କ 'ରୁମ୍ ଅନ୍ ହ୍ୱିଲ୍'ରେ ମିଳୁଛି ଅତ୍ୟାଧୁନିକ ଷ୍ଟାର୍ ହୋଟେଲ୍‌ର ସୁବିଧା।

ଏହି ଅତ୍ୟାଧୁନିକ ଭ୍ୟାନ୍‌ରେ ପର୍ଯ୍ୟଟକମାନେ ପାଇବେ ନିଜ ଘରର ସୁବିଧା। ଯେଉଁଥିରେ ରହିଛି ଅତ୍ୟାଧୁନିକ ସୁବିଧା। ବେଡ୍, ଏସି, ଟିଭି, ଫ୍ରିଜ୍, ୱାସିଂମେସିନ୍‌ଠାରୁ ଆରମ୍ଭ କରି ଗରମ ପାଣିରେ ଗାଧୋଇବାକୁ ଚାହୁଁଥିଲେ ବାଥରୁମ୍‌ରେ ବି ରହିଛି ଗିଜର୍। ଖାଇବାକୁ ଡାଇନିଂ ଟେବୁଲ, ବସିବାକୁ ଆରାମଦାୟକ ସୋଫା। କେବଳ ସେତିକି ନୁହେଁ, ରୋଷେଇ କରିବାକୁ ରହିଛି ମଡ୍ୟୁଲାର କିଚେନ। ଯେଉଁଥିରେ ପୂର୍ବରୁ ସମସ୍ତ ଉପକରଣ ମଧ୍ୟ ରହିଛି। ତା' ସାଙ୍ଗକୁ ରହିଛି ଇଣ୍ଟରନେଟ୍ ସୁବିଧା। ଏହିସବୁ ସୁବିଧା ଆମେ ସାଧାରଣତଃ ଏକ ଫ୍ଲାଟର ୱେଲ୍‌ଫର୍ନିସଡ୍ ଘରେ ପାଇଥାଉ କିମ୍ବା ଷ୍ଟାର ହୋଟେଲରେ। କିନ୍ତୁ ଏହି ସମସ୍ତ ସୁବିଧା ରହିଛି ଏକ ଭ୍ୟାନ୍‌ରେ। ରାଜ୍ୟ ପର୍ଯ୍ୟଟନ ବିକାଶ କ୍ଷେତ୍ରରେ ନିଜକୁ ସାମିଲ କରିବାକୁ ଏଭଳି ଅଭିନବ ପ୍ରୟାସ କରିଛନ୍ତି ମାନସ। ପେସାରେ ସେ ଜଣେ ଆଇଟି ଇଞ୍ଜିନିୟର ହୋଇଥିବାବେଳେ ବିଦେଶରେ ଦେଖିଥିବା ଏହି ସୁବିଧାକୁ ଓଡ଼ିଶାବାସୀଙ୍କ ନିକଟରେ ପହଞ୍ଚାଇବାକୁ



ସେ ଏହି ପ୍ରୟାସ କରିଛନ୍ତି। ଏଥିରେ ଏକା ସାଙ୍ଗରେ ୪ଜଣଙ୍କର ରହିବା ସୁବିଧା ରହିଛି। ସହଜ ଓ ସୁବିଧାରେ ରାଜ୍ୟର ପ୍ରତ୍ୟେକ ପର୍ଯ୍ୟଟନସ୍ଥଳରେ ପର୍ଯ୍ୟଟକଙ୍କୁ ପହଞ୍ଚାଇବାରେ ପୂର୍ଣ୍ଣ ସହଯୋଗ କରିବ ଏହି ଭ୍ୟାନ୍। ରାସ୍ତାର ଯେ କୌଣସି ସ୍ଥାନରେ ଭ୍ୟାନ୍‌ଟି ଅଟକିବ ସେଇଠି ହେବ ପର୍ଯ୍ୟଟକଙ୍କ ଘର। ଯଦି କେହି ଚାହିଁବେ ବାହାରେ ରୋଷେଇ କରିବାକୁ ସେଥିପାଇଁ ଇଣ୍ଡକସନ୍ ସୁବିଧା ରହିଛି। ସେହିପରି ସନ୍ଧ୍ୟା ସମୟରେ ଅଧା ବାଟରେ ବର୍ଣ୍ଣ ଫାୟାର କରିବାକୁ ସମସ୍ତ ସାମଗ୍ରୀ, ଫୋଲ୍ଡିଂ ଚେୟାର, ଟେବୁଲ ସହ ସାଇକଲ୍ ମଧ୍ୟ ରହିଛି। ଗାଡ଼ି ଚାଳକଙ୍କ ପାଇଁ ମଧ୍ୟ ସମସ୍ତ ସୁବିଧା ଏଥିରେ ରହିଛି। ତେବେ ସବୁଠାରୁ ବଡ଼କଥା ହେଉଛି ଏହି ଭ୍ୟାନ୍‌ରେ ରହିଥିବା ସମସ୍ତ ଅତ୍ୟାଧୁନିକ ସୁବିଧା ସୋଲାର୍ ଦ୍ୱାରା ପରିଚାଳିତ। ଯେମିତି କୌଣସି ପରିସ୍ଥିତିରେ ପର୍ଯ୍ୟଟକମାନେ ଇଲେକ୍ଟ୍ରିସିଟି ପାଇଁ ଅସୁବିଧା ନ ଭୋଗିବେ ସେଥିପାଇଁ ସମସ୍ତ ବନ୍ଦୋବସ୍ତ ରହିଛି ବୋଲି ମନୋଜ କହିଛନ୍ତି। ପୂର୍ବରୁ ଦେଶ ବାହାରେ ଏଭଳି ଭ୍ୟାନ୍ ବ୍ୟବହାର କରାଯାଉଥିବା ବେଳେ ଏଭଳି ଏକ ଚିନ୍ତାଧାରାକୁ ନେଇ ପର୍ଯ୍ୟଟକଙ୍କୁ ନୂଆ ଅନୁଭୂତି ଦେଉଛି 'ରୁମ୍ ଅନ୍ ହ୍ୱିଲ୍'। ଏହି ଭ୍ୟାନ୍‌ରେ ରହିଥିବା ବିଭିନ୍ନ ଉପକରଣ ବିଦେଶରୁ ଆମଦାନୀ ହୋଇଥିବାବେଳେ ଏହାକୁ ତିଆରି କରିବାକୁ ୩ବର୍ଷ ସମୟ ଲାଗିଥିଲା। ପ୍ରଥମ ପର୍ଯ୍ୟାୟରେ ଓଡ଼ିଶା ମଧ୍ୟରେ ଏହା ଭ୍ରମଣ କରିବ ଏବଂ ପରବର୍ତ୍ତୀ ସମୟରେ ଓଡ଼ିଶା ବାହାରର ପର୍ଯ୍ୟଟନସ୍ଥଳୀକୁ ଯିବାର ଯୋଜନା ରହିଥିବା ମନୋଜ କହିଛନ୍ତି।







# ବିଏମ୍‌ସି ପକ୍ଷରୁ ୨ୟ ପର୍ଯ୍ୟାୟ ରାସ୍ତା କାମ ପାଇଁ କାର୍ଯ୍ୟାଦେଶ ବଣ୍ଟନ



**ଭୁବନେଶ୍ୱର, ୫।୧(ସମିସ):** ଆଜି ବିଏମ୍‌ସି ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ମୋଟ ୭୫ କିଲୋମିଟର ରାସ୍ତା ପାଇଁ ପ୍ରାୟ ୧୪୫ କୋଟି ଟଙ୍କାର ୪୬ଟି କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ବିଜ୍ଞାନ ଓ କାରିଗରୀ କୌଶଳ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସୂଚନା ଯୋଗ୍ୟ କି ଭୁବନେଶ୍ୱରର ୪୫୨ଟି କଚ୍ଚା ରାସ୍ତାକୁ ପକ୍କା ରାସ୍ତାରେ ପରିଣତ କରାଯିବ। ଯାହା ୧୮୦ କିଲୋମିଟର। ଏଥିପାଇଁ ବ୍ୟୟ ହେବ ୩ ୭୦ କୋଟି ଟଙ୍କା। ଗତ ୩୦ ତାରିଖରେ ପ୍ରାୟ୫୯ କିଲୋମିଟରର ୩୭ଟି ରାସ୍ତା ପାଇଁ ୧୧୬ କୋଟି ଟଙ୍କାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଏମ୍‌ସି କମିସନର ବିଜୟ ଅମୃତା କୁଲାଙ୍ଗେଙ୍କ ସମେତ ସମସ୍ତ ଠିକାଦାର, ବିଏମ୍‌ସି ଅଧିକାରୀ ଏବଂ ନେତୃତ୍ୱଙ୍କ ଉପସ୍ଥିତ ଥିଲେ।

# ଭୁବନେଶ୍ୱର ସିଟି



● ଶ୍ରୀଲିଙ୍ଗରାଜ ମନ୍ଦିରରେ ଶ୍ରଦ୍ଧାଳୁଙ୍କୁ ଦୁର୍ବ୍ୟବହାର

## ତଦନ୍ତ ନିର୍ଦ୍ଦେଶ ଦେଲା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ

**ଭୁବନେଶ୍ୱର, ୫।୧(ସମିସ):** ଶ୍ରୀଲିଙ୍ଗରାଜ ମନ୍ଦିର ସେବାୟତଙ୍କ ବ୍ୟବହାରରେ ଅତିଷ୍ଠ ଜଣେ ଭକ୍ତଙ୍କ ଅଭିଯୋଗ ଶୁଣିଛି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍ଓ) । ମନ୍ଦିର ପ୍ରଶାସନ ପକ୍ଷରୁ ଏହାର ତଦନ୍ତ ସହ ବିବରଣୀ ପ୍ରଦାନ ପାଇଁ ତିନି ନିଯୋଗକୁ ସିଏମ୍ଓ ପକ୍ଷରୁ ଚିଠି କରାଯାଇଛି ।

ସୂଚନାନୁସାରେ, ଆନନ୍ଦ ବାଜେପେୟୀ ନାମକ ଜଣେ ଭକ୍ତ ସପତ୍ନିକ ଗତ ଡିସେମ୍ବର ୭ରେ ଲିଙ୍ଗରାଜ ମନ୍ଦିରକୁ ଆସିଥିଲେ। କିଛି ସମୟ ଧାଡ଼ିରେ ଛିଡ଼ା ହେବା ପରେ ଠାକୁରଙ୍କ ଦର୍ଶନ କରିବା ପାଇଁ ଭିତରକୁ ପ୍ରବେଶ କରିଥିଲେ। ଏହି ସମୟରେ ଆଡ଼କାଠ ନିକଟରେ ଥିବା ସେବାୟତ ତାଙ୍କୁ ଥାଳିରେ ଟଙ୍କା ପକାଇବା ପାଇଁ କହିଥିଲେ। କିନ୍ତୁ ସେ ମନା କରିବାରୁ ତାଙ୍କୁ ଦୁର୍ବ୍ୟବହାର କରାଯିବା ସହ ଶାନ୍ତିରେ ଦର୍ଶନ କରିବାକୁ ଦିଆଯାଇନଥିଲା। ଏନେଇ ସେ ପୁଲିସର ଦ୍ୱାରସ୍ଥ ହୋଇଥିଲେ ହେଁ ତାଙ୍କୁ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ବିରୋଧରେ ଅଭିଯୋଗ କରିବାକୁ କୁହାଯିବା ସହ ଫେରାଇ ଦିଆଯାଇଥିଲା। ପୁଲିସ୍ ପାଖରୁ ନିରାଶ ହେବା ପରେ ଏ ସଂପର୍କରେ ଆନନ୍ଦ ମେଲ୍ ଯୋଗେ 'ସିଏମ୍ଓ ଓଡ଼ିଶା' ମେଲ୍ ଆଇଡିରେ ଅଭିଯୋଗ କରିଥିଲେ। ଅଭିଯୋଗପତ୍ରକୁ ଆଧାର କରି ଘଟଣାର ତଦନ୍ତ ପାଇଁ ମନ୍ଦିର ପ୍ରଶାସନକୁ ସିଏମ୍ଓରୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ରାହ୍ମଣ ନିଯୋଗ, ପୂଜା ପଣ୍ଡା ନିଯୋଗ ଓ ବଡ଼ୁ ନିଯୋଗକୁ ଘଟଣାର ଅନୁସନ୍ଧାନ କରିବା ପାଇଁ ଚିଠି କରାଯାଇଛି।

ମନ୍ଦିର ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁସାରେ, ଅଭିଯୋଗ ସମ୍ପର୍କରେ ତଦନ୍ତ କରି ତିନି ଦିନ ମଧ୍ୟରେ ତିନି ନିଯୋଗ ପକ୍ଷରୁ ଅଭିଯୋଗର ବିବରଣୀ ଦାଖଲ କରାଯିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅବଗତ କରାଯିବ ବୋଲି ସେ କହିଛନ୍ତି। ପୂଜାପଣ୍ଡା ନିଯୋଗର ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି, ଆଡ଼କାଠ ନିକଟରେ ବଡ଼ୁ ନିଯୋଗ ପକ୍ଷରୁ ଥାଳି ରଖାଯାଇ ଭକ୍ତଙ୍କଠାରୁ ଦୈନିକ ୫୦ ହଜାରରୁ ଲକ୍ଷେ ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଛି। ଏଥିରୁ ଟଙ୍କାଟିଏ ମଧ୍ୟ ମନ୍ଦିର ପ୍ରଶାସନ ପାଖରେ ପହଞ୍ଚୁନି। ଏହା ବିରୋଧରେ ଆମେ ବାରମ୍ବାର ମନ୍ଦିର ପ୍ରଶାସନକୁ ଅବଗତ କରିବା ସହ ଥାଳି ଉଠାଇ ଏଠାରେ ପ୍ରଶାସନ ପକ୍ଷରୁ ଏକ ହୁଣ୍ଡି ସ୍ଥାପନ ପାଇଁ ଦାବି କରି ଆସୁଛୁ। ଏବେ ଆମେ ଚିଠି ଲେଖି ଏ ବିଷୟରେ ଜଣାଇବୁ ବୋଲି ସେ କହିଛନ୍ତି। ବଡ଼ୁ ନିଯୋଗର ସମ୍ପାଦକ କମଳାକାନ୍ତ ବଡ଼ୁ କହିଛନ୍ତି, ମନ୍ଦିର ପ୍ରଶାସନ ଚିଠି ପାଇଛି। ଏହା ଉପରେ ତଦନ୍ତ କରାଯିବ।

## ୧୮ରୁ ପ୍ରତିରକ୍ଷା ପେନସନ୍ ଅଭିଯୋଗ ସମାଧାନ ଶିବିର

**ଭୁବନେଶ୍ୱର, ୫।୧(ସମିସ):** ଚଳିତ ମାସ ୧୮ ଏବଂ ୧୯ ଦୁଇ ଦିନ ଭୁବନେଶ୍ୱର ନୟାପଲ୍ଲୀ ବିଦ୍ୟୁତ ମାର୍ଗସ୍ଥିତ ଷ୍ଟେସନ ମୁଖ୍ୟାଳୟ, ସ୍ଥଳସେନା ଷ୍ଟେସନ, ଟିଏ ବାଟାଲିୟନଠାରେ ପ୍ରତିରକ୍ଷା ଲେଖା ପ୍ରଧାନ ନିୟନ୍ତ୍ରକ (ବାୟୁ ସେନା), ନୂଆଦିଲ୍ଲୀଙ୍କ ପକ୍ଷରୁ ଦୁଇଦିନିଆ ପ୍ରତିରକ୍ଷା ପେନସନ ଅଭିଯୋଗ ସମାଧାନ ଶିବିର ଆୟୋଜନ କରାଯିବ। ପ୍ରତିରକ୍ଷା ସିଭିଲିୟାନଙ୍କ ସମେତ ପ୍ରତିରକ୍ଷା ପେନସନଭୋଗୀଙ୍କର ବିଭିନ୍ନ ସମସ୍ୟା ଏହି ଶିବିରରେ ସମାଧାନ କରାଯିବ। ପ୍ରତିରକ୍ଷା ମନ୍ତ୍ରଣାଳୟ, ତିନି ସେନା ମୁଖ୍ୟାଳୟ, ପ୍ରତିରକ୍ଷା ଲେଖା ବିଭାଗ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ କୋଷାଗାର ଅଧିକାରୀ, ପେନସନଭୋଗୀ ଓ ସେମାନଙ୍କର ପରିବାରବର୍ଗ ଏହି ଶିବିରରେ ଯୋଗଦେବେ। ପେନସନ ସଂକ୍ରାନ୍ତ ସମସ୍ୟା ରହିଥିବା ଅବସରପ୍ରାପ୍ତ ପ୍ରତିରକ୍ଷା କର୍ମଚାରୀ, ଅଧିକାରୀ, ପ୍ରତିରକ୍ଷା ସିଭିଲିୟାନ କର୍ମଚାରୀମାନେ ନିମ୍ନୋକ୍ତ ନୋଡାଲ ଅଧିକାରୀଙ୍କୁ ନିର୍ଦ୍ଧାରିତ ଆବେଦନପତ୍ରରେ ଆବେଦନ ପଠାଇପାରିବେ।

## ସମାଜସେବୀଙ୍କ ଦ୍ୱାରା କମ୍ବଳବଣ୍ଟନ



**ବାଲିପାଟଣା, ୫।୧(ସମିସ):** ବାଲିପାଟଣା ବ୍ଲକ କୁରୁଞ୍ଜିପୁର ପଞ୍ଚାୟତ ଇନ୍ଦୋଳକୁସିଆରି, ଟିଙ୍କିପଡ଼ା, ବିଲସାହି ଆଦି ଗ୍ରାମର ୨ଶହରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧାଙ୍କୁ 'ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟ'ର ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ତଥା ସମାଜସେବୀ ସତ୍ୟପ୍ରିୟ ବେହେରାଙ୍କ ତତ୍ତ୍ୱାବଧାନରେ ଏପରି କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଜୟଦେବ ନିର୍ବାଚନ ମଣ୍ଡଳୀର ଦୁଇଟି ବ୍ଲକ ବାଲିଅନ୍ତା ଓ ବାଲିପାଟଣାର ବିଭିନ୍ନ ଗ୍ରାମରେ ଆୟୋଜିତ କରାଯାଉଛି। ଆଜି ଇନ୍ଦୋଳକୁସିଆରି ଠାରେ ଥିବା ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ କେନ୍ଦ୍ରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର କର୍ମକର୍ତ୍ତାମାନେ ଏହି ଶୀତବସ୍ତ୍ର ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମ ଆଗକୁ ମଧ୍ୟ ଜାରି ରହିବ ବୋଲି କହିଛନ୍ତି ଟ୍ରଷ୍ଟର ଅଧ୍ୟକ୍ଷ ଶ୍ରୀ ବେହେରା।

## ଏଫ୍ଏସ୍‌ସିର ଶପଥପାଠ ଉତ୍ସବ

**ଭୁବନେଶ୍ୱର, ୫।୧(ସମିସ):** ଫନ୍ ଆଣ୍ଡଫିଟ୍‌ନେସ୍ ୱାର୍କସ କ୍ଲବ୍ ପକ୍ଷରୁ କର୍ମକର୍ତ୍ତାମାନଙ୍କର ଏକ ଶପଥ ପାଠ ଉତ୍ସବ ପାଳନ କରାଯାଇଛି। ଏହି ଉତ୍ସବରେ ଇଣ୍ଡକ୍ସନ ଅଫିସରଭାବେ ଲାୟନ୍ସ କ୍ଲବର ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ନିକୁଞ୍ଜ ଛୋଟରାୟ, ସଭାପତି ଆଶିଷ ପଟ୍ଟନାୟକ, ଉପସଭାପତି ଅଜିତ୍ ପ୍ରସାଦ ସାହୁ, ରିଆ ଖାନ୍, ସମ୍ପାଦକ ସୁଧାକର ଷଡ଼ଙ୍ଗୀ ପ୍ରମୁଖ ଜଲ୍ଲି ୱାକର୍ ସୁରେନ୍ଦ୍ରନାଥ ସେଠୀ ଓ ପିଆରଓ ଭାବେ ସବୀର କୁମାର ପରିଡ଼ାଙ୍କୁ ଏବଂ ଉପଦେଷ୍ଟାଭାବେ ୧୬ଜଣ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ଓଡ଼ିଶା ଓ ଭୁବନେଶ୍ୱର ବାର୍ ଆସୋସିଏସନର୍ ଓକିଲ ସୂର୍ଯ୍ୟନାରାୟଣ ଦାସ ମୁଖ୍ୟ ଅତିଥିଭାବେ ଏବଂ ସମାଜସେବୀ ତାରିଣୀ ପ୍ରସାଦ ମହାନ୍ତି ଓ ଅସୀମାନନ୍ଦ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବବାନୀ ପ୍ରସାଦ ପଟ୍ଟନାୟକଙ୍କୁ ଶ୍ରେଷ୍ଠ ୱାକର୍ସ ଭାବେ ସମ୍ମାନିତ କରାଯାଇ ଟ୍ରଫି ପ୍ରଦାନ କରାଯାଇଥିଲା।

## ହାର୍ଭେଷ୍ଟର୍ ଚଢ଼ି ମହିଳା ମୃତ

**ବାଲିପାଟଣା, ୫।୧(ସମିସ):** ଧାନ ଗୋଟାଉଥିବା ସମୟରେ ହାରଭେଷ୍ଟର୍ ଚଢ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ରାଜଧାନୀ ଉପକଣ୍ଠ ବାଲିପାଟଣା ବ୍ଲକ ମଝିହରା ପଞ୍ଚାୟତ ସାରଙ୍ଗଧର ସାହୁ ପାଟଣାର ରବୀନ୍ଦ୍ର ମଲ୍ଲିକଙ୍କ ପତ୍ନୀ ସୀତା ମଲ୍ଲିକ(୫୫) । ଅପରାହ୍ଣ ସମୟରେ ଭାକରସାହି ନାଣ୍ଡିଆ ଗହୀରରେ ହାରଭେଷ୍ଟର୍ ଦ୍ୱାରା ଧାନ କଟାଯାଉଥିବାବେଳେ ମହିଳା ଜଣଙ୍କ ଧାନ ଗୋଟାଉଥିଲେ। ତେବେ ଅସାବଧାନତାବଶତଃ ତାଙ୍କ ଉପରେ ହାର୍ଭେଷ୍ଟର୍ ଚଢ଼ିଯାଇଥିଲା। ଦୁର୍ଘଟଣା ପରେ ମହିଳାଙ୍କୁ ଗୁରୁତର ଅବସ୍ଥାରେ ଅଡ଼ଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଉପସ୍ଥିତ ଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ବିଏମ୍‌ସିର ରାସ୍ତା କାମ

## ୨ ମାସରେ ଉଠିଗଲାଣି ଗୋଡ଼ି

### ଆଉ ଥରେ କାମ ନକଲେ ବିଲ୍ ପାସ ହେବନି: କମିସନର

**ଭୁବନେଶ୍ୱର, ୫।୧(ସମିସ):**

ଗୋଟିଏ ରାସ୍ତାକୁ ଦୁଇ ପର୍ଯ୍ୟାୟରେ ନିର୍ମାଣ କରାଗଲା। ୨ବର୍ଷ ତଳୁ ନିର୍ମାଣ ହୋଇଥିବା ଅଂଶଟି ଏପର୍ଯ୍ୟନ୍ତ ଠିକ୍ ଅଛି। ହେଲେ ମାତ୍ର ୨ମାସ ପୂର୍ବେ ନିର୍ମାଣ କରାଯାଇଥିବା ରାସ୍ତାର ଅବସ୍ଥା ଖରାପ ହୋଇଗଲାଣି। ରାସ୍ତାରୁ ଗୋଡ଼ି ବାହାରି ଗଲାଣି। ସମ୍ପୂର୍ଣ୍ଣ ଭାବେ ଖଣ୍ଡିଆ ଖାବାରା ହୋଇଗଲାଣି। ଏଭଳି ସ୍ଥିତି ଜାରିରହିଲେ ଆଉ ୬ମାସ ପରେ ନବନିର୍ମିତ ଏହି ରାସ୍ତାରେ ଯିବା ଆସିବା କଷ୍ଟକର ହୋଇପଡ଼ିବ। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା ବେଳେ ନିମ୍ନମାନର କାମ ହୋଇଥିବା ନେଇ ଅଭିଯୋଗ ହେଉଛି।

ଅଭିଯୋଗ ଅନୁଯାୟୀ ସତ୍ୟବିହାରସ୍ଥିତ କେନାଲ ରୋଡ୍ ଏହି ଅଞ୍ଚଳର ମୁଖ୍ୟ ରାସ୍ତା। ଏହା ମଞ୍ଚେଶ୍ୱର ଗ୍ରାମକୁ ସଂଯୋଗ କରୁଛି। ଯାହାର ଦୂରତା ପ୍ରାୟ ୧୪ଶହ ମିଟର। ଏହାକୁ ଦୁଇଟି ପର୍ଯ୍ୟାୟରେ କଂକ୍ରିଟକରଣ କରାଯାଇଥିଲା। ରିଲାଏନ୍ସଫ୍ରେସ୍‌ରୁ ମସଜିଦ୍ ପର୍ଯ୍ୟନ୍ତ ପ୍ରାୟ ୩ଶହ ମିଟର ରାସ୍ତାକୁ ୨ବର୍ଷ ତଳେ ନିର୍ମାଣ କରାଯାଇଥିଲା। ଯାହା ଏପର୍ଯ୍ୟନ୍ତ ଠିକ୍ ରହିଛି। ହେଲେ ମସଜିଦ୍‌ରୁ ମଞ୍ଚେଶ୍ୱର ଗ୍ରାମ ପର୍ଯ୍ୟନ୍ତ ଅବଶିଷ୍ଟ ୧୧ଶହ ମିଟର ରାସ୍ତାର କଂକ୍ରିଟକରଣ ପାଇଁ ଗତବର୍ଷ ମେ' ମାସରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଯାହାର ବ୍ୟୟ ଅଟକଳ ରହିଥିଲା ୧କୋଟି ୯୮ଲକ୍ଷ ଟଙ୍କା। ମସଜିଦ୍‌ରୁ ରାସ୍ତା ନିର୍ମାଣ କାର୍ଯ୍ୟ ୫ଶହ ମିଟର ପର୍ଯ୍ୟନ୍ତ ଆଗକୁ ଯାଇଥିଲା। ନିର୍ମାଣ ହେବାର ୨ମାସ ମଧ୍ୟରେ ରାସ୍ତାରୁ ଗୋଡ଼ି ବାହାରିଗଲା। ରାସ୍ତାଟି ଖଣ୍ଡିଆଖାବରା ହୋଇଯିବାରୁ ଗାଡ଼ିଚାଳକ କିମ୍ବା ସାଇକଲ ଯାତ୍ରୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସତ୍ୟବିହାର ବ୍ୟତୀତ ମଞ୍ଚେଶ୍ୱର ଗ୍ରାମ, ଚକେଇସିଆଣି, ସପ୍ତସତୀ ବିହାର, ବିଭିନ୍ନ ଆବାସିକ କଲୋନୀବାସୀ ଏହି ରାସ୍ତା ଉପରେ ନିର୍ଭର କରନ୍ତି।





ଅଞ୍ଚଳବାସୀଙ୍କ ମଧ୍ୟରେ ରାସ୍ତା ଖରାପକୁ ନେଇ ଅସନ୍ତୋଷ ଦେଖାଦେବାରୁ ଠିକାଦାରଙ୍କ ବିରୋଧରେ ପ୍ରତିବାଦ ଉଠିଲା। ଦୁଇମାସ ମଧ୍ୟରେ ଏକାଧିକଥର ବିଏମ୍‌ସି କମିସନରଙ୍କୁ ନିମ୍ନମାନର କାମ ଏବଂ ଅନିୟମିତା ହୋଇଥିବା ନେଇ ଲିଖିତ ଅଭିଯୋଗ କରାଗଲା। ଏହାପରେ କମିସନର ବିଜୟ ଅମୃତା କୁଲାଙ୍ଗେ ଘଟଣାସ୍ଥଳକୁ ପରିଦର୍ଶନରେ ଆସି ଯାଞ୍ଚ କରିଥିଲେ। ରାସ୍ତାର ଅବସ୍ଥା ଦେଖି ସମ୍ପୃକ୍ତ ଠିକାଦାରଙ୍କ ବିଲ୍‌କୁ ବିଏମ୍‌ସି ପକ୍ଷରୁ ବନ୍ଦ କରିଦିଆଗଲା। ଯେ ପର୍ଯ୍ୟନ୍ତ ଏହା ଉପରେ ଆଉ ଥରେ କଂକ୍ରିଟକରଣ କରାଯାଇ ନାହିଁ ସେପର୍ଯ୍ୟନ୍ତ ଠିକାଦାରଙ୍କ ବିଲ୍ ପାଶ କରାଯିବ ନାହିଁ ବୋଲି କମିସନର ରୋକଠୋକ୍ ଶୁଣାଇ ଦେଇଥିଲେ ବୋଲି ସ୍ଥାନୀୟ କର୍ପୋରେଟର ମିନୁଶ୍ରୀ ଖୁଣ୍ଟିଆ କହିଛନ୍ତି। ଏହାପର ଠାରୁ କାମ ବନ୍ଦ ରହିଛି।

## ବନମାଳୀପୁର କଲେଜରେ 'ନୂଆ ଓଡ଼ିଶା' କାର୍ଯ୍ୟକ୍ରମ

**ବାଲିପାଟଣା, ୫।୧(ସମିସ):** ବନମାଳୀପୁର ଡିଗ୍ରୀ କଲେଜରେ ଆଜି ପୂର୍ବାହ୍ନରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ଅନ୍ତର୍ଗତ ନୂଆ ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଅଧ୍ୟକ୍ଷ ମୁରଲୀଧର ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଅଧ୍ୟାପକ ତଥା ଗାଳ୍ପିକ ଆଭାସ କୁମାର ବରାଳ ଯୋଗଦେଇ ଶିକ୍ଷାୟତନ ପରିସରରେ ଏକ ଶିକ୍ଷା ଅନୁକୂଳ ପରିବେଶ ସୃଷ୍ଟି ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟ ବକ୍ତା ବନମାଳୀପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ କଲ୍ୟାଣ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବରେ କଲେଜ ପ୍ରତିଷ୍ଠାତା ରମେଶ ଚନ୍ଦ୍ର ସାହୁ, ଶିଳ୍ପପତି ରଶ୍ମୀରଞ୍ଜନ ବଳିୟାରସିଂହ, ପୂର୍ବତନ ବ୍ୟାଙ୍କ୍ ଅଧିକାରୀ ଭରତ ଚନ୍ଦ୍ର ପାତ୍ର, ପ୍ରେସ୍ କ୍ଲବ୍ ସଭାପତି ଦିଲ୍ଲୀପ କୁମାର ଓଝା ପ୍ରମୁଖ ଯୋଗଦେଇଥିଲେ। ନୋଡାଲ ଅଫିସର ଉମେଶ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଖେଳ ଶିକ୍ଷକ ଲକ୍ଷ୍ମଣ କୁମାର ପାତ୍ର, ଶିବପ୍ରସାଦ ବେହେରା ଓ ପୂର୍ବତନ ସରପଞ୍ଚ କାଶୀନାଥ ବାରିକ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ ପ୍ରମାଣପତ୍ର ଓ ଫଳକ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଧ୍ୟାପକ ସୁଶାନ୍ତ ମହାପାତ୍ର, ମନୋଜ ସାହୁ, ସନ୍ତୋଷ ଦାସ, ସୂର୍ଯ୍ୟ ପଣ୍ଡା, ଲକ୍ଷ୍ମୀପ୍ରିୟା ଜେନା, ମହାମାୟା ମହାପାତ୍ର, ଅଜୟ ମିଶ୍ର, ରଶ୍ମୀତା ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ନାଟକ 'ଘର ଜୋଇଆଁ ଝିଅ' ଜିଲ୍ଲାସ୍ତରରେ ୨ୟ ହୋଇଥିବାରୁ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ରଶ୍ମୀରେଖା ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଜାତୀୟସ୍ତରୀୟ ଜନଜାତି ଶିଳ୍ପ ମେଳା ଓ ଜନଜାତି ନୃତ୍ୟ ମହୋତ୍ସବ ଉଦଘାଟିତ



**ଭୁବନେଶ୍ୱର, ୫।୧(ସମିସ):** ବିଭିନ୍ନ ଜନଜାତି ସମ୍ପ୍ରଦାୟର ନୃତ୍ୟ କେବଳ ମନୋରଞ୍ଜନ ପାଇଁ ନୁହେଁ, ବରଂ ସେମାନଙ୍କ ଭଗବାନଙ୍କ ପ୍ରତି ଥିବା ବିଶ୍ୱାସକୁ ସୂଚିତ କରେ। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଜନଜାତି ଶିଳ୍ପ ମେଳା ଓ ଜାତୀୟ ଜନଜାତି ନୃତ୍ୟ ମହୋତ୍ସବର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା ଏହା କହିଛନ୍ତି।

ସମ୍ମାନିତ ଅତିଥି ଭାବେ ବିଭାଗୀୟ କମିଶନର ରୂପା ରୋଶନ ସାହୁ, ଏସ୍‌ସିଏସଟିଆରଟିଆଇ ନିର୍ଦ୍ଦେଶକ ଇନ୍ଦ୍ରମଣୀ ତ୍ରିପାଠୀ, ପ୍ରମୁଖ ଯୋଗ ଦେଇଥିଲେ। ମେଳାରେ ୭୦ଟି ଷ୍ଟଲ୍ ଲାଗିଥିବାବେଳେ ୧୪ଟି ରାଜ୍ୟର ଜନଜାତି ନୃତ୍ୟଶିଳ୍ପୀ ୩ ଦିନ ଧରି ନିଜର ପ୍ରତିଭା ପ୍ରଦର୍ଶନ କରିବେ। ଏହି ମେଳାରେ ଭାରତର ବିଭିନ୍ନ ରାଜ୍ୟରୁ ଜାତୀୟ ପୁରସ୍କାର ପ୍ରାପ୍ତ ଜନଜାତି ହସ୍ତତନ୍ତଶିଳ୍ପ କାରିଗରମାନେ ଅଂଶଗ୍ରହଣ କରିଛନ୍ତି। ଚଳିତ ବର୍ଷ ଓଡ଼ିଶା ସମେତ ୧୩ଟି ରାଜ୍ୟରୁ ପ୍ରାୟ ୨୦୦ ଜନଜାତି କାରିଗର ସେମାନଙ୍କର ସ୍ୱତନ୍ତ୍ର ତଥା ସୂକ୍ଷ୍ମ କଳା ଏବଂ ହସ୍ତଶିଳ୍ପ ପ୍ରଦର୍ଶନ କରୁଛନ୍ତି। ସାଂସ୍କୃତିକ ସନ୍ଧ୍ୟାରେ ପରିବେଷିତ ହୋଇଛି ଅରୁଣାଚଳପ୍ରଦେଶ ମିସିମି ଜନଜାତିଙ୍କ ମକ୍କଳର ଲୋକନୃତ୍ୟ, ଗୁଜୁରାଟ କୁନବି ଜନଜାତିଙ୍କ କାହାଡିଆ ନୃତ୍ୟ, ତ୍ରିପୁରୀ ଜନଜାତିଙ୍କ ଲେବାଙ୍ଗ ବୁମାନି ନୃତ୍ୟ, ଗଣ୍ଡ ଜନଜାତିଙ୍କ ଖାପରି ନୃତ୍ୟ, ଗଦବା ଜନଜାତିଙ୍କ ଢେମସା ନୃତ୍ୟ, ଭୂତିଆ ଜନଜାତିଙ୍କ ଶିୱାଲା ଖୁଙ୍ଗସାଙ୍ଗ୍ ଥେନେପା ନୃତ୍ୟ, ଗୌଡା ଜନଜାତିଙ୍କ ଗଫ୍ ନୃତ୍ୟ, ଗଣ୍ଡ ଜନଜାତିଙ୍କ ଗଣ୍ଡି ନୃତ୍ୟ ଆଦି ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ଏସସିଏସଟିଆରଟିଆଇ ନିର୍ଦ୍ଦେଶକ ଇନ୍ଦ୍ରମଣୀ ତ୍ରିପାଠୀ, ସ୍ୱତନ୍ତ୍ର ଅଧିକାରୀ ସମରେନ୍ଦ୍ର ଭୂତିଆ ଓ ଉପନିର୍ଦ୍ଦେଶକ ସନ୍ତୋଷ ରଥ ଓ ଅନ୍ୟାନ୍ୟ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଥାଉ କି, ଜନଜାତି ଶିଳ୍ପ ମେଳା ଆସନ୍ତା ୧୧ ତାରିଖ ଯାଏଁ ଅନୁଷ୍ଠିତ ହେଉଥିବା ବେଳେ ଜନଜାତି ନୃତ୍ୟ ମହୋତ୍ସବ ଆସନ୍ତା ୭ ତାରିଖ ଯାଏଁ ଚାଲିବ।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଶୀତ ଉତ୍ସବ

**ଭୁବନେଶ୍ୱର, ୫।୧(ସମିସ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଶୁକ୍ରବାର ଶୀତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସାହିତ୍ୟକ ତଥା ପ୍ରଶାସକ ଡ. ରବିନାରାୟଣ ସେନାପତି ଯୋଗ ଦେଇଥିଲେ। ଏହି ଅବସରରେ ସେ କହିଥିଲେ ଯେ ସଂସ୍କୃତି ଏକ ଅନ୍ତର୍ନିହିତ ଶକ୍ତି। ଏହା ସାହିତ୍ୟରେ କଳା, ସଙ୍ଗୀତ ଭାସ୍କର୍ଯ୍ୟ ଭାବେ ପ୍ରକାଶିତ ହୋଇଥାଏ। ସମସାମୟିକ ଜଗତୀକରଣ ଓ ବିଜ୍ଞାନ ଯୁଗରେ ସଂସ୍କୃତି ଓ ସାହିତ୍ୟର ଅବକ୍ଷୟକୁ ସୁରକ୍ଷା କରିବାକୁ ହେବ। ଯୁବପିଢ଼ି ହିଁ ପୁନଶ୍ଚ ଏହାର ସୁରକ୍ଷା ସହ ପ୍ରଚାର ଓ ପ୍ରସାର କରି ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିପାରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ସାହିତ୍ୟିକା ତଥା ପ୍ରଫେସର ସଂଘମିତ୍ରା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟର ପ୍ରାଚୀନ ରଚନାରେ ଶୀତର ବର୍ଣ୍ଣନାକୁ ବିଭିନ୍ନ ଉଦାହରଣ ସହ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଡ. ଅର୍ଚ୍ଚନା ନାୟକ ଯୋଗଦେଇଥିବାବେଳେ କୁଳପତି ପ୍ରଫେସର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ବାର୍ଷିକ କ୍ୟାଲେଣ୍ଡର ଲୋକାର୍ପଣ କରାଯାଇଛି।



କୁଳସଚିବ ଅନାମିକା ଅଧିକାରୀ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ବିଭାଗୀୟ ମୁଖ୍ୟ ଡ. ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଛନ୍ତି। ଡ. ଜ୍ଞାନରଞ୍ଜନ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଡ. ଧୀରଜ କୁମାର ମହାପାତ୍ର, ଡ. ଆଶିଷ ମହାପାତ୍ର, ଡ. ନିଳାଦ୍ରୀ କଲ୍ୟାଣ ଦାସ, ଡ. ସମ୍ବରୁ ସୋଭରା, ଡ. ମନୋରଞ୍ଜନ ପ୍ରଧାନ, ଡ. ଇତିଶ୍ରୀ ସାହୁ ପ୍ରମୁଖ ସହଯୋଗ କରିଛନ୍ତି। ଏହାପରେ ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଛନ୍ତି।

କ୍ୟାପିଟାଲ ହସ୍ପିଟାଲ୍‌ର ଅଭିନବ ପ୍ରୟାସ

## 'ଛୋଟ ପିଲାଙ୍କ ଡର ଦୂର କରିବ ପାର୍କ'



**ଅଭିଭାବକଙ୍କ ମତାମତ**

▶ ମୁଁ ଆଗରୁ ମୋ ପୁଅକୁ ନେଇ ଆସେ ଏଠିକି। ସେ ଜମା ରାଜି ହୁଏନି ଆଗରୁ ହେଲେ ଆଜି ଏଠିକି ଆସି ପାର୍କରେ ଖେଳିଲା ପରେ ଖୁସିରେ ଡାକ୍ତରଙ୍କ ପାଖକୁ ଯାଇଥିଲା। ସେଥିପାଇଁ ମତେ ବେଶୀ ପରିଶ୍ରମ କରିବାକୁ ପଡ଼ିଲାନି।

**-ଜି.ଏସ୍ ସେନାପତି, ଜାଗମରା**

▶ ମଁ ଏଠିକି ମୋ ନାତିକୁ ନେଇକି ଆସିଥିଲି। ସେ ସବୁବେଳେ କାନ୍ଦେ ଡକ୍ଟରଙ୍କ ପାଖକୁ ଆସିବାକୁ। କିନ୍ତୁ ଆଜି ସେ ବହୁତ ଖୁସି ଏଠିକି ଆସି।

**-ସମସେଦ୍ ବେଗମ୍, ସୁନ୍ଦରପଦା ଆଜାଦ୍ ନଗର**

**ଭୁବନେଶ୍ୱର, ୫।୧(ସମିସ):**

ହସ୍ପିଟାଲ ନା ଶୁଣିଲେ ସମସ୍ତଙ୍କ ମନରେ ଡର ଆସିବା ସ୍ୱାଭାବିକ କଥା। ତେବେ ସେ ଛୋଟ ପିଲା ହେଲେ ଏହି ସମସ୍ୟା ଅଧିକ। ବିଶେଷକରି ଇଞ୍ଜେକ୍‌ସନ କଥା ଶୁଣିଲେ ବା ଦେଖିଲେ ଛୋଟ ପିଲା ଅଧିକ ଡରନ୍ତି। ହେଲେ ଏହି ସମସ୍ୟା ଦୂର କରିବାକୁ ପ୍ରୟାସ କରିଛନ୍ତି କ୍ୟାପିଟାଲ୍ ହସ୍ପିଟାଲ୍ କର୍ତ୍ତୃପକ୍ଷ। ଚିକିତ୍ସା ସମୟରେ ଭୟ ନକରି କିଭଳି ହସିଖେଳି ଶୁଶୁମାନେ ଚିକିତ୍ସିତ ହୋଇପାରିବେ ସେ ନେଇ ନିର୍ମାଣ ହୋଇଛି ପାର୍କ। ସେହିପରି ପାର୍କରେ ବିଭିନ୍ନ ଖେଳଣା ରଖାଯାଇଛି। ପିଲା କିଭଳି ନକାନ୍ଦି ହସି ଖେଳି ଚିକିତ୍ସିତ ହୋଇପାରିବେ ସେ ନେଇ ପ୍ରୟାସ କରାଯାଇଛି। ପାର୍କଟି ହସ୍ପିଟାଲ ପରିସର ଭିତରେ ଥିବା ସ୍ନାତକୋତ୍ତର ଶିଶୁ ରୋଗ ବିଭାଗର ଠିକ୍ ସାମ୍ନାରେ ହିଁ ନିର୍ମାଣ ହୋଇଛି। ଫଳରେ ଛୋଟପିଲାମାନେ ସେଠାରେ ଯେତିକି ସମୟ ରହିବେ ବିନା ଭୟ ଓ କାନ୍ଦରେ ଖେଳିବା ସହ ଚିକିତ୍ସିତ ହୋଇପାରିବେ। ଏ ନେଇ କ୍ୟାପିଟାଲ ହସ୍ପିଟାଲର ସୁପରିନ୍‌ଟେଣ୍ଡେଣ୍ଟ ଓ ଶିଶୁ ରୋଗ ବିଭାଗର ମୁଖ୍ୟ ଦିଲ୍ଲୀପ କୁମାର ପଣ୍ଡା କୁହନ୍ତି ଏହା ହସ୍ପିଟାଲର ଏକ ଫଣ୍ଡ ରହିଛି ଯାହାର ନା 'ମୁସ୍କାନ'। ତା' ମାଧ୍ୟମରେ ଏହି ଅଭିନବ ପ୍ରୟାସ କରାଯାଇଛି। ଗତ ଜାନୁଆରୀ ୧ରେ ଏହାକୁ ଉଦ୍‌ଘାଟନ କରାଯାଇଥିଲା।

